୬ ଘରୋଇ ମ୍ୟାଚ୍ ନ ଖେଳିଲେ ଟିମ୍‌ରୁ ହେବେ ବିଦା : ଗମ୍ଭୀର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୭୧ ● ୧୮ ଜୁଲାଇ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-171 ● 18th July 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24


# ସୁନାବେଶରେ ଦର୍ଶନ ଦେଲେ ବିଶ୍ୱନିୟନ୍ତା



**ପୁରୀ, ୧୭/୭ ନ୍ୟୁଜ ବ୍ୟୁରୋ**

ସିଂହଦ୍ୱାର ସମ୍ମୁଖରେ ଶ୍ରୀଜୀଉମାନେ ଭକ୍ତମାନଙ୍କୁ ସୁନାବେଶରେ ଦର୍ଶନ ଦେଇଛନ୍ତି। ମଥାରେ ସୁନାର କିରୀଟ ସାଙ୍ଗକୁ କାନରେ ସୁନାର କୁଣ୍ଡଳ। କମରରେ ସୁନାର କମରପଟି, ପାଦରେ ଶ୍ରୀପୟର। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ହସ୍ତରେ ସୁବର୍ଣ୍ଣର ହଳମୁଷଳ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତରେ ସୁବର୍ଣ୍ଣର ଚକ୍ର ଓ ରୁପାର ଶଙ୍ଖ। ମା' ସୁଭଦ୍ରାଙ୍କୁ ସୁବର୍ଣ୍ଣର ତଡ଼ଗି(କର୍ଣ୍ଣାଳଙ୍କାର) ସାଙ୍ଗକୁ ରତ୍ନଖଚିତ ଘାଗଡ଼ା ମାଳି, ବାହାଡ଼ା ମାଳି, ତାବିଜ ମାଳି, ହରିଡ଼ା କଦମ୍ବ ମାଳି, ବାଘନଖୀ ମାଳି, ସେବତୀ ମାଳି, ତିଳକ, ଆଡ଼କାନି, ଚନ୍ଦ୍ର-ସୂର୍ଯ୍ୟ, ଅଳକା, ଓଡ଼ିଆଣୀ, ଚନ୍ଦ୍ରିକା ଆଦି ଆଭୂଷଣରେ ସଜ୍ଜିତ କରାଯାଇଥିଲା। ଧରାପୃଷ୍ଠରେ ଏଭଳି ମାନବୀୟ ଲୀଳା ଖେଳିଛନ୍ତି କୋଟି କୈବଲ୍ୟନାଥ ବ୍ରହ୍ମାଣ୍ଡ ଠାକୁର। ପାଦରୁ ମସ୍ତକ ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇ ଅଗଣିତ ଭକ୍ତଙ୍କୁ ରଥ ଉପରୁ ଦେଇଛନ୍ତି ଦର୍ଶନ।

ମହାବାହୁଙ୍କୁ ମନଭରି ଦେଖିବାପାଇଁ ଆତୁର ଭକ୍ତ ବି' ଏହି ଅପୂର୍ବ ରୂପ ଦର୍ଶନ କରି ଅଭିଭୂତ ହୋଇଛନ୍ତି। ଏଥିପାଇଁ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇପଡ଼ିଥିଲା। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶର ଦର୍ଶନ ପାଇ କୃତାର୍ଥ ମଣିଛନ୍ତି। ସକାଳୁ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟିଥିଲା। ସନ୍ଧ୍ୟା ସମୟକୁ ବଡ଼ଦାଣ୍ଡ ଜନସମୁଦ୍ର ପାଲଟିଥିଲା।

ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ସାରି ଶ୍ରୀମନ୍ଦିର ସିଂହଦ୍ୱାରକୁ ବାହୁଡ଼ିବା ପରେ ବୁଧବାର ଅପରୂପ ଓ ଅନନ୍ୟ ସୁନାବେଶରେ ଦର୍ଶନ ଦେଇଛନ୍ତି ମହାବାହୁ। ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ବୁଧବାର ସିଂହଦ୍ୱାରରେ ଦଣ୍ଡାୟମାନ ତିନିରଥରେ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରମଣୀୟ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଥିଲା। ବର୍ଷକ ପରେ ଭାବ ବିନୋଦିଆ କାଳିଆ ସାଆନ୍ତଙ୍କୁ *(ପୃଷ୍ଠା ୭ରେ)*

# ପୁନର୍ଗଠିତ ହେଲା ନୀତି ଆୟୋଗ

## ଓଡ଼ିଶାରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ହେଲେ ସଦସ୍ୟ

**ନୂଆଦିଲ୍ଲୀ, ୧୭/୭**

ନୀତିଆୟୋଗର ପୁନର୍ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟୋଗର ଅଧ୍ୟକ୍ଷ ରହିଥିବାବେଳେ ୪ ଜଣ ସ୍ଥାୟୀ ସଦସ୍ୟଙ୍କ ସହିତ ୧୫ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ଏଥିରେ ସ୍ଥାନ ଦିଆଯାଇଛି।



ନବଗଠିତ ନୀତିଆୟୋଗରେ ଅର୍ଥନୀତିଜ୍ଞ ସୁମନ କେ. ବେରୀ ଉପାଧ୍ୟକ୍ଷ ଭାବେ ନିଜର କାର୍ଯ୍ୟକାଳ ଜାରି ରଖିବେ। ବୈଜ୍ଞାନିକ ଭି.କେ. ସାରସ୍ୱତ, କୃଷି ଅର୍ଥନୀତିଜ୍ଞ ରମେଶ ଚାନ୍ଦ, ଶିଶୁ ରୋଗ ବିଶେଷଜ୍ଞ ଭି.କେ. ପଲ୍ ଏବଂ ଅର୍ଥନୀତିଜ୍ଞ ଅରବିନ୍ଦ ବିରମାନି ପୂର୍ବପରି ସ୍ଥାୟୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି। ସେହିପରି ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା, ଭାରିଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝି, ମତ୍ସ୍ୟ ଓ ପ୍ରାଣୀପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କଞ୍ଜାରାପୁ ରାମମୋହନ ନାଇଡୁ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାଶୱାନ ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରୀ ରାଓ ଇନ୍ଦରଜିତ ସିଂହଙ୍କୁ ମନୋନୀତ କରାଯାଇଛି।

# ରତ୍ନଭଣ୍ଡାର ଖୋଲାହେବା ପୂର୍ବରୁ କଟକଣା ଜାରି କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ, ୧୭।୭ ନ୍ୟୁଜ ବ୍ୟୁରୋ**

ପୁଣି ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର। ଗୁରୁବାର ପୁଣିଥରେ ଭିତର ଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ଭିତର ରତ୍ନଭଣ୍ଡାର ରତ୍ନ ସ୍ଥାନାନ୍ତର ଓ ମରାମତି ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବଡ଼ ବୟାନ ଦେଇଛନ୍ତି। ଭଣ୍ଡାର ଖୋଲାହେବା ପୂର୍ବରୁ ମନ୍ଦିରରେ ପ୍ରବେଶ ନେଇ ବିଭିନ୍ନ *(ପୃଷ୍ଠା ୭ରେ)*



# ଅରିନ୍ଦମ ଡାକୁଆ ହେଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

**ଭୁବନେଶ୍ୱର, ୧୭।୭ ନ୍ୟୁଜ ବ୍ୟୁରୋ**

୨୦୧୧ ବ୍ୟାଚ୍ ଆଇଏଏସ ଅଫିସର ତଥା କଟକ ଜିଲ୍ଲାପାଳ ଅରିନ୍ଦମ ଡାକୁଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୧୨ ବ୍ୟାଚ୍ ଆଇଏଏସ ଅଫିସର ଜଗତସିଂହପୁର ଜିଲ୍ଲାପାଳ ଅନୁପମ *(ପୃଷ୍ଠା ୭ରେ)*

# ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ରଖିବେ ନଜର ବିଜେଡିର ୫୦ ବିଧାୟକ

## ◆ ବିଧାନସଭାରେ ଶାଣିତ କରିବେ ସ୍ୱର

**ଭୁବନେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ମୁଖ୍ୟ ବିରୋଧୀ ଦଳ 'ବିଜୁ ଜନତା ଦଳ' ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଉଦ୍ୟମ ଆରମ୍ଭ କରିଛି। ଏଥି ପାଇଁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ନଜର ରଖିବାକୁ ଦଳୀୟ ବିଧାୟକମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରିଛନ୍ତି। ବିଧାନସଭାରେ ଦୃଢ଼ ତଥା ଶକ୍ତିଶାଳୀ ବିରୋଧୀ ଦଳ ଭାବରେ ଦାୟିତ୍ୱ ନିର୍ବାହ ପାଇଁ ନବୀନ ପଟ୍ଟନାୟକ ଯୋଜନା କରିଛନ୍ତି। ବିଜେଡି ବିଧାୟକ ଓଡ଼ିଶାବାସୀଙ୍କ ସ୍ୱରକୁ ବିଧାନସଭାରେ ଦୃଢ଼ ଭାବେ ଉପସ୍ଥାପିତ କରିବା ସହିତ



ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନୂଆ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ନଜର ରଖିବେ। ଏନେଇ ୫୦ ଜଣ ବିଧାୟକଙ୍କୁ ଦାୟିତ୍ୱ ବାଣ୍ଟିଛନ୍ତି ବିଜେଡି ସଭାପତି। ଶ୍ରୀ ପଟ୍ଟନାୟକ କହିଛନ୍ତି, ବିରୋଧୀ ଦଳ ହେଉଛି ଜନସାଧାରଣଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ। ବିଧାନସଭାରେ ବିରୋଧୀ ଦଳର ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ସହ ବିଧାନସଭାରେ ସମ୍ପୃକ୍ତ ବିଭାଗ ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ବିଜେଡି ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାବାସୀଙ୍କ ହକ୍ ତଥା ଜନସାଧାରଣଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ବିଜେଡିର ୫୦ ଜଣ ବିଧାୟକମାନଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି। ଯେଉଁମାନେ କି ବିଭାଗର କାର୍ଯ୍ୟକ୍ରମ ଉପରେ ନଜର ରଖିବା ସହିତ *(ପୃଷ୍ଠା ୭ରେ)*

# ସରକାରୀ ଜମି ଜବରଦଖଲ କରି ନିର୍ମାଣ ହୋଇଥିବା କୋଠାଗୁଡ଼ିକୁ ଭଙ୍ଗାଯିବ: ରାଜସ୍ୱ ମନ୍ତ୍ରୀ



**ସମ୍ବଲପୁର, ୧୭/୭ ନ୍ୟୁଜ ବ୍ୟୁରୋ**

ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିଲେ ବୁଲିବ ବୁଲ୍‌ଡୋଜର। ମାଟିରେ ମିଶିବ କୋଠା। ଜବରଦଖଲ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଭଳି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ୪ ଡିସିମିଲ୍ ଜାଗାରେ କୁଡ଼ିଆ କରି ରହୁଥିବା ଗରିବ ଜବରଦଖଲକାରୀ ନୁହନ୍ତି। ଆଗରୁ ଖାଲି ଗରିବଙ୍କ ଘର ଭଙ୍ଗା ହେଉଥିଲା, ଏବେ ବଡ଼ବଡ଼ିଆଙ୍କ ଭଙ୍ଗାହେବ। ବଡ଼ବଡ଼ ଲୋକଙ୍କ ମୁଖା ଖୋଲିବ। ଏଣୁ ସରକାରୀ ଜମି ଜବରଦଖଲ କରି ନିର୍ମାଣ ହୋଇଥିବା କୋଠାଗୁଡ଼ିକୁ ଭଙ୍ଗାଯିବ। ବଡ଼ବଡ଼ିଆଙ୍କ ଜବରଦଖଲ କୋଠାରେ ବୁଲ୍‌ଡୋଜର ବୁଲିବ। ଅଧିକ ଜାଗା ଜବରଦଖଲ କରି ଅଟ୍ଟାଳିକା ନିର୍ମାଣ କରିଥିଲେ ବି ତାକୁ ଏଥିରୁ ବାଦ୍ ଦିଆଯିବ ନାହିଁ।

# ଓମାନ ଉପକୂଳରେ ବୁଡ଼ିଲା ଜାହାଜ ୧୩ ଭାରତୀୟଙ୍କ ସମେତ ୧୬ ନିଖୋଜ

**ହାଇଦ୍ରାବାଦ, ୧୭/୭**

ଓମାନ ଉପକୂଳରେ ଏକ ତୈଳ ଭର୍ତ୍ତି ଜାହାଜ ବୁଡ଼ିଯାଇଛି। ଏଥିରେ ୧୩ ଭାରତୀୟଙ୍କ ସମେତ ନାବିକ ଓ ଅନ୍ୟ କ୍ର୍ୟୁ ସଦସ୍ୟଙ୍କୁ ମିଶାଇ ମୋଟ ୧୬ଜଣ କର୍ମଚାରୀ ଥିଲେ। ସମସ୍ତେ ନିଖୋଜ ହୋଇଯାଇଛନ୍ତି । ଓମାନ ଉପକୂଳରୁ ୨୫ ନଟିକାଲ ମାଇଲ୍ସ ଦୂରରେ ଏହି ଅଘଟଣ ଘଟିଛି। ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି। ବୁଡ଼ିଯାଇଥିବା ଜାହାଜ ଓ ସେଥିରେ ଥିବା *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ମହାରାଷ୍ଟ୍ରରେ ବଡ଼ ଏନକାଉଣ୍ଟର

# ଗଡଚିରୋଲିରେ ୧୨ ମାଓବାଦୀ ନିପାତ

**ମୁମ୍ବାଇ, ୧୭।୭**

ମହାରାଷ୍ଟ୍ରର ନକ୍ସଲ ପ୍ରଭାବିତ ଗଡ଼ଚିରୋଲିରେ ପୁଲିସକୁ ବଡ଼ ସଫଳତା ମିଳିଛି । ବୁଧବାର ଏଠାରେ ହୋଇଥିବା ବଡ଼ ଧରଣର ଏନକାଉଣ୍ଟରରେ ପୁଲିସ ଗୁଳିରେ ୧୨ ଜଣ ମାଓବାଦୀ ନିପାତ ହୋଇଛନ୍ତି। ମାଓବାଦୀ ଏବଂ ପୁଲିସ ମଧ୍ୟରେ ଏନକାଉଣ୍ଟର ପ୍ରାୟ ୬ ଘଣ୍ଟା ଧରି ଚାଲିଥିଲା। ଆଉ ଏହି ଏନକାଉଣ୍ଟରରେ ଡିଭିଜନାଲ କମିଟି ସଦସ୍ୟ ଲକ୍ଷ୍ମଣ ଅତ୍ରାମ ଓରଫ ବିଶାଲ ସମେତ ୧୨ ଜଣ ନିପାତ ହୋଇଛନ୍ତି। ଗଡଚିରୋଲିରେ ପୁଲିସ-ମାଓବାଦୀଙ୍କ ଏନକାଉଣ୍ଟରରେ ଦୁଇ ଯବାନ ମଧ୍ୟ ଆହତ ହୋଇଛନ୍ତି। ଉଭୟ ଆହତ ଯବାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ନାଗପୁରକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ଗଡ଼ଚିରୋଲିର ବଦୋଲି ଗାଁ ନିକଟରେ ୧୨ରୁ ୧୫ ଜଣ ମାଓବାଦୀ ଏକାଠି ଥିବାର ଗୁଇନ୍ଦା ସୂଚନା ମିଳିଥିଲା। ଏହାପରେ ସି-୬୦ ଟିମ୍‌ର ଯବାନମାନେ ମହାରାଷ୍ଟ୍ର-ଛତିଶଗଡ଼ ସୀମାରେ ଅପରେସନ ଆରମ୍ଭ *(ପୃଷ୍ଠା ୭ରେ)*

# ମୁସଲମାନଙ୍କ ପାଇଁ ସିଏମ୍ ଯୋଗୀଙ୍କ ବଡ଼ ଯୋଜନା



**ଲକ୍ଷ୍ନୌ, ୧୭/୭**

ଉତ୍ତରପ୍ରଦେଶରେ ୧୦ଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦାୟିତ୍ୱରେ ଥିବା ମନ୍ତ୍ରୀମାନଙ୍କୁ ଭେଟି ସେମାନଙ୍କ ଅଞ୍ଚଳର ଅବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଗୋଷ୍ଠୀକୁ ପୃଥକ ଭାବରେ ଭେଟି ନିର୍ଦ୍ଦେଶ ଦେଇଛନ୍ତି ଯେ ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ବ୍ୟକ୍ତି ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ନିଜ ଅଞ୍ଚଳରେ ରାତିରେ ବିଶ୍ରାମ ନେବା ଉଚିତ୍। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଦାୟିତ୍ୱରେ ଥିବା ସମସ୍ତ ମନ୍ତ୍ରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ପ୍ରତ୍ୟେକ ଗୋଷ୍ଠୀକୁ କର୍ମୀଙ୍କ ସହ କଥାବାର୍ତ୍ତା କରିବାକୁ ପଡ଼ିବ ଏବଂ ବୁଥ୍ ମଜଭୁତ୍ କରିବାକୁ ସର୍ବାଧିକ ଧ୍ୟାନ ଦେବାକୁ ପଡ଼ିବ। ବୈଠକରେ *(ପୃଷ୍ଠା ୭ରେ)*

# ରାଜ୍ୟ ଯୋଜନା ବୋର୍ଡ ଭଙ୍ଗ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୭: ନ୍ୟୁଜ ବ୍ୟୁରୋ**

ରାଜ୍ୟ ଯୋଜନା ବୋର୍ଡ଼କୁ ରାଜ୍ୟ ସରକାର ଭାଙ୍ଗି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଜନା ବୋର୍ଡ଼ ଭଙ୍ଗ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପୂର୍ବରୁ ବିଜେଡି ସରକାର ସମୟରେ ଗଠନ ହୋଇଥିବା ରାଜ୍ୟ ଯୋଜନା ବୋର୍ଡରେ ମୁଖ୍ୟମନ୍ତ୍ରୀ ଏହାର ସଭାପତି ଥିବା ବେଳେ ବିଜେଡି ଦଳର ବରିଷ୍ଠ ନେତାମାନଙ୍କୁ ଏହାର ଉପ ସଭାପତି ତଥା ସଦସ୍ୟ ଭାବରେ ନିଯୁକ୍ତ କରାଯାଇଥିଲା। ତେବେ ଏହି କମିଟିର ବୈଠକ ଅନେକ ବର୍ଷ ଧରି ହୋଇନଥିଲା।

## ଏକାଳ ସକାଳ



ରୋଷେଇ ଘର କାନ୍ଦିକି ଡାକୁଛି
ପରିବାରେ ତୁହି ଆ...
ଦୋକାନକୁ ଗଲେ ଦୋକାନୀ କୁହଇ
ପବନ ଖାଇବୁ ଯା'
ଏତିକି ପଇସାରେ ବିଷ ଖା
ସୁନା ଦାମ୍‌ରେ ପରିବା ଚମକେ
ବାଃରେ ଦର ବାଃ।

# କମୁଛି ପୃଥିବୀର ଘୂରିବା ବେଗ !



**ନୂଆଦିଲ୍ଲୀ, ୧୭/୭**

ଗ୍ଲୋବାଲ୍ ୱାର୍ମିଂ ବା ଜଳବାୟୁ ପରିବର୍ତ୍ତନର ଆଉ ଏକ ନକାରାତ୍ମକ ଦିଗ ଚିହ୍ନଟ କରିଛନ୍ତି ବୈଜ୍ଞାନିକ। ଏହି କାରଣରୁ ପୃଥିବୀର ଘୂର୍ଣ୍ଣନ ବେଗ ମନ୍ଥର ହୋଇ ଯାଉଥିବା ଜାଣିବାକୁ ପାଇଛନ୍ତି ଅନୁସନ୍ଧାନକାରୀ। ନେଚର୍ ଜିଓସାଇନ୍ସ'ରେ ଏହି ଅଧ୍ୟୟନର ଫଳାଫଳ ପ୍ରକାଶ ପାଇଛି।

ଅଧ୍ୟୟନ ଅନୁସାରେ, ଗ୍ଲୋବାଲ୍ ୱାର୍ମିଂ କାରଣରୁ ପୃଥିବୀ ଧୀରେଧୀରେ ଘୂର୍ଣ୍ଣନ କରୁଛି। ଏହାର ମୁଖ୍ୟ କାରଣ ହେଉଛି ତାପମାତ୍ରା ବୃଦ୍ଧି। ଏହି କାରଣରୁ ମେରୁ ବରଫ ତରଳି ଯାଉଛି। ମେରୁ ବରଫ ତରଳିବା ଫଳରେ ବିଷୁବ ଅଞ୍ଚଳକୁ ଜଳ ପ୍ରବାହିତ ହେଉଛି, ଯାହା ଗ୍ରହର ମାସ୍ ଡିଷ୍ଟ୍ରିବୁସନ ବା ବସ୍ତୁତ୍ୱ ବଣ୍ଟନକୁ ପରିବର୍ତ୍ତନ କରିବା ସହ ଘୂର୍ଣ୍ଣନକୁ ଧୀର କରି ଦେଉଛି। ଏହି କାରଣରୁ ଦିନ ସାମାନ୍ୟ ଲମ୍ବା ହୋଇ ଯାଉଛି।

ଅଧ୍ୟୟନର ଲେଖକ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ସ୍କ୍ରିପ୍ସ ଇନଷ୍ଟିଚ୍ୟୁସନ୍ ଅଫ୍ ଓସେନୋଗ୍ରାଫିର ଭୂଭୌତିକବିତ୍ ଡଙ୍କନ୍ ଏଗ୍ନ୍ୟୁ କହିଛନ୍ତି ଯେ, ପୋଲାରରେ ବରଫ ତରଳିବା କାରଣରୁ ପୃଥିବୀର ଘୂର୍ଣ୍ଣନ ଗତି ମନ୍ଥର ହୋଇଯାଉଛି। ଏହି ପରିବର୍ତ୍ତନ, ଗ୍ରହର କୋଣୀୟ ବେଗକୁ ପ୍ରଭାବିତ କରିଥାଏ। ପୋଲାରରେ ବରଫ ତରଳି ଯାଉଥିବାରୁ ପୃଥିବୀର *(ପୃଷ୍ଠା ୭ରେ)*

# ୧୯ରେ ଲଘୁଚାପ : ୨୨ ଯାଏ ବର୍ଷିବ



**ଭୁବନେଶ୍ୱର, ୧୭।୭ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୨ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସ୍ଥଳ ଭାଗ ଏବଂ ଜଳ ଭାଗରେ ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି। ଗତ କିଛିଦିନ ହେବ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ର ବିଦର୍ଭ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହେଉଛି। ଏହାର ପ୍ରଭାବରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେଉଛି। ଏପରିକି ଉପକୂଳ ଓଡ଼ିଶାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ତେବେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୧୯ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ସେହିଦିନ ସନ୍ଧ୍ୟା କିମ୍ବା ୨୦ ତାରିଖରେ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ *(ପୃଷ୍ଠା ୭ରେ)*





## ମାରଣାସ୍ତ୍ର ଦେଖାଇ ଅଳଙ୍କାର ଓ ଟଙ୍କା ଲୁଟ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

୬ ଜଣ ସଶସ୍ତ୍ର ଡକାୟତ ରାତି ଅଧରେ ମାଲିକଙ୍କ ନିଜର ଲୋକ ହୋଇ ଡାକି ଡକାୟତି କରିଥିବା ନେଇ ବାଂଶଡା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ଘଟଣା ଅନୁଯାୟୀ ବାଂଶଡା ଥାନା ଅଧିନସ୍ଥ ହଳଦିଆ ଗ୍ରାମରେ ସନାତନ ପଣ୍ଡାଙ୍କ ଘରେ ଡକାୟତି ହୋଇଥିବା ନେଇ ଘର ମାଲିକ ସନାତନ ପଣ୍ଡା ବାଂଶଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଧ୍ୟ ରାତିରେ ନିଜର ଗ୍ରାମର ଲୋକଙ୍କ ନା ନେଇ ସନାତନଙ୍କୁ ଡାକିଥିଲେ। ସନାତନ ଘରର କବାଟ ଖୋଲିବା ପରେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇଥିବା ୬ ଜଣ ଡକାୟତ ସନାତନଙ୍କ ଘରର ସମସ୍ତ ଲୋକଙ୍କୁ ଭୟଭୀତ କରି ୧୫୦ ଗ୍ରାମର ସୁନା ଅଳଙ୍କାର ଏବଂ ଘରେ ଗଚ୍ଛିତ ଥିବା ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ଗ୍ରାମବାସୀ କୌଣସି ସୂତ୍ରରୁ ଖବର ପାଇବା ପରେ ସନାତନଙ୍କ ଘରକୁ ଯାଇ ଖବର ବୁଝି ପୋଲିସକୁ ଖବର ଦେଇଥିଲେ । ମାତ୍ର ପୋଲିସ ଏହି ଘଟଣାରେ ଆଜି ପର୍ଯ୍ୟନ୍ତ କାହାକୁ ଗିରଫ କରିବାରେ ସଫଳ ହୋଇନଥିବା ବେଳେ ତଦନ୍ତ ଜାରୀ ରଖିଛନ୍ତି ବୋଲି ବାଂଶଡା ଥାନାଧିକାରୀ ଦେବରାଜ ଜେନା ନିଜର ପ୍ରତିକ୍ରିୟା ରଖିଛନ୍ତି।

## ବୃଦ୍ଧଙ୍କୁ ଚୂନ ଲଗାଇଲେ ଦୁର୍ବୃତ୍ତ:ଏଟିଏମ୍ କାର୍ଡ ନେଇ ଲକ୍ଷାଧିକ ଟଙ୍କା ଲୁଟ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବୃଦ୍ଧଙ୍କୁ ଚୂନ ଲଗାଇଲେ ଦୁର୍ବୃତ୍ତ । ଟଙ୍କା ଉଠାଇଦେବେ କହି ଏଟିଏମ୍ କାର୍ଡ ନେଇ ବୃଦ୍ଧଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୩ ହଜାର ଟଙ୍କା ଲୁଟିନେଲା ଦୁର୍ବୃତ୍ତ। ଘଷିପୁରା ଥାନା ଓସ୍ତପୁରା ଗାଁର ଘନଶ୍ୟାମ ମାଝୀ ଘଷିପୁରା ଲକ୍ଷ୍ମୀବଜାରରେ ଥିବା ଏସବିଆଇ ଏଟିଏମ୍‌ରୁ ଟଙ୍କା ଉଠାଇବା ସମୟରେ ଠକାମୀର ଶିକାର ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ମହଙ୍ଗା ମାଡ଼ରେ ସାଧାରଣ ଖାଉଟିଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ିଲା

**କେନ୍ଦୁଝର, ନ୍ୟୁଜ୍**



ଖାଦ୍ୟ ସାମଗ୍ରୀ ଗୁଡିକର ଦର ବୃଦ୍ଧି ଯୋଗୁଁ କେବଳ କେନ୍ଦୁଝର ଜିଲ୍ଲା କାହିଁକି ସମଗ୍ର ଦେଶ ରାଜ୍ୟର ସାଧାରଣ ଗରିବ ଖାଉଟି ମହଙ୍ଗା ମାଡ଼ରେ ଆର୍ଥିକ ସ୍ଥିତିର ସମ୍ମୁଖୀନ ହୋଇପଡିଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ, ମାଗଣା ଯୋଜନା, ସରକାରୀ ନୀତି ଓ ଉତ୍ପାଦନ ହ୍ରାସ ପ୍ରଭୃତି କାରଣ ସାଙ୍ଗକୁ ଅନ୍ୟାନ୍ୟ ବହୁ କାରଣ ଯୋଗୁଁ କେବଳ କେନ୍ଦୁଝର ଜିଲ୍ଲା କାହିଁକି ସମଗ୍ର ରାଜ୍ୟ, ଦେଶରେ ମଧ ବିଭିନ୍ନ ଖାଦ୍ୟଦ୍ରବ୍ୟ ସାମଗ୍ରୀ ଗୁଡିକର ଦର ବୃଦ୍ଧି ପାଇବାରେ ଲାଗିଛି । ଦେଶରେ ଖାଉଟି ସୁରକ୍ଷାରେ କୋଟି କୋଟି ଗରିବ ଲୋକଙ୍କୁ ମାଗଣାରେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇଦେବା ସହ ବହୁ ମାଗଣା ଯୋଜନା ସବୁ ଯୋଗାଇ ଦେବା ଦ୍ୱାରା ଗରିବ ଜନସାଧାରଣ ଆଉ ପରିଶ୍ରମ କରିବାକୁ ଆଗ୍ରହ କରୁନାହାନ୍ତି ଓ ଦିନକୁଦିନ ଅଳସୁଆ ହୋଇପଡୁଛନ୍ତି । ମାଗଣା ବଣ୍ଟନ ଯୋଗୁଁ ଗରିବ କୁଲି ମଜୁରିଆ ମାନଙ୍କର ଏଭଳି ଅଳସୁଆ ସାଙ୍ଗକୁ ସରକାରୀ ସ୍ତରରେ କୃଷିର ବିକାଶକୁ ଅଣଦେଖା ଏବଂ ଜଳସେଚନର ଅବ୍ୟବସ୍ଥା କୃଷି ସାମଗ୍ରୀ ଉତ୍ପାଦନ ବାଧାସୃଷ୍ଟି କରୁଛି ଯାହାକି ବିଭିନ୍ନ ସମୟରେ କୃଷି ଜାତ ଖାଦ୍ୟସାମଗ୍ରୀ ଗୁଡିକର ଅହେତୁକ ଦରବୃଦ୍ଧି ଘଟିବାରେ ଲାଗିଛି । ଦରବୃଦ୍ଧି ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ସେଭଳି କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରୁନଥିବାରୁ ବିଭିନ୍ନ ସମୟରେ ଦରଦାମ୍ ଅହେତୁକ ଭାବେ ବଢ଼ି ଗରିବ ଜନସାଧାରଣଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ଇତି ମଧ୍ୟରେ ଡାଲି, ତେଲ, ଚିନି, ଆଳୁ, ପିଆଜର ଦରବୃଦ୍ଧି ଘଟିଥିବାବେଳେ ପନିପରିବା ଦର ଆକାଶଛୁଆଁ ଜନସାଧାରଣ ଖାଉଟିଙ୍କୁ ବ୍ୟତିବ୍ୟସ୍ତ କରିଛି । ଗତ ୩/୪ ମାସ ମଧ୍ୟରେ ତେଜରାତି ସାମଗ୍ରୀ ଗୁଡିକର ଦର କିଲୋପିଛା ୨୦ ରୁ ୨୫ ଟଙ୍କା ବୃଦ୍ଧି ପାଇଥିବାବେଳେ ପନିପରିବା ଦର ୫୦ ଟଙ୍କାରୁ ୮୦ ଟଙ୍କାରେ ପହଞ୍ଚିଛି । ଗତ ଫେବୃୟାରୀ ମାସରେ ଆଳୁ କିଲୋ ୨୦ ଟଙ୍କା, ପିଆଜ କିଲୋ ୨୮ ଟଙ୍କା, ଡାଲି ୧୬୦ ଟଙ୍କା, ତେଲ ଲିଟର ୧୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଆଳୁ ୩୫ ଟଙ୍କା, ପିଆଜ ୪୦ ଟଙ୍କା, ଡାଲି ୧୮୦ ଟଙ୍କା, ତେଲ ୧୪୫ ଟଙ୍କାରେ ପହଞ୍ଚିଥିବାବେଳେ ପନିପରିବା ଦର ୫୦ ଟଙ୍କାରୁ ଆରମ୍ଭ କରି ୮୦ ଟଙ୍କା ଦରରେ ବିକ୍ରି ହେଉଛି । ରାଜ୍ୟରେ କୃଷି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ପରିମାଣର କୃଷି ଉପଯୋଗୀ ଜମି ରହିଥିଲେ ହେଁ ସରକାରୀ ସ୍ତରରେ କୃଷିର ବିକାଶକୁ ଅଣଦେଖା କରିବା ସହିତ ଜଳସେଚନର ବିପର୍ଯ୍ୟସ୍ତ ଅବସ୍ଥା କୃଷି ସାମଗ୍ରୀ ଉତ୍ପାଦନର ବାଧକ ସାଜିଛି । ଯାଫଳରେ ରାଜ୍ୟରେ କୃଷିଜାତ ସାମଗ୍ରୀ ଗୁଡିକର ଉତ୍ପାଦନ କମିବାରେ ଲାଗିଛି ଏବଂ ଆବଶ୍ୟକତାକୁ ପୂରଣ କରିବାପାଇଁ ଅନ୍ୟରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଯାହାଫଳରେ ପନିପରିବା ଓ ତେଜରାତି ସାମଗ୍ରୀ ଗୁଡିକର ଦରବୃଦ୍ଧି ପାଇ ଜନଜୀବନକୁ ବିବ୍ରତ କରୁଛି ।

# ମରଣଯନ୍ତା ପାଲଟିଛି ମଙ୍ଗୁଳି ଛକ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ଜିଲ୍ଲା ମଙ୍ଗୁଳି ଛକ ରେଲ୍ ଓଭର ବ୍ରିଜ୍ ତଳ ତଥା ୧୬ ଓ ୫୫ ନଂ ଜାତୀୟ ରାଜପଥ ସଂଯୋଗ ସ୍ଥଳରେ ବଡ଼ବଡ଼ ଗର୍ତ୍ତ ପ୍ରତି ପ୍ରଶାସନର ନିଘାନାହିଁ । ବର୍ଷା ହେଲେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ଏହି ରାସ୍ତା ଦେଇ ସମ୍ବଲପୁର, କଟକ ଓ କୋଲକାତା ସଂଯୋଗ କରୁଛି । ଏହା ସହିତ ଏଠାରେ ଚୌଦ୍ୱାର ମଙ୍ଗୁଳି ରେଳ ଷ୍ଟପେଜ୍ ରହିଛି । ଦୈନିକ ବହୁ ସଂଖ୍ୟାରେ ଯାତ୍ରୀ ରେଳ ଯୋଗେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଏହି ରାସ୍ତା ଦେଇ ଯାଇଥାନ୍ତି । ଏହା ସହିତ ବହୁ ସଂଖ୍ୟାରେ ଯାତ୍ରୀବାହୀ ବସ୍, ମାଲ୍‌ବାହୀ ଟ୍ରକ୍ ଯାତାୟାତ କରନ୍ତି । ସାମାନ୍ୟ ବର୍ଷା ହେଲେ ଏହି ସ୍ଥାନରେ ପାଣି ଜମା ହୋଇ ରହିଥାଏ । ଥରେ ଏହି ଗାତରେ ଗାଡ଼ି ପଡ଼ିଗଲେ କ୍ରେନ୍ ଆସି ଉଠାଇଲା ପରେ ଗାଡ଼ି ଯାଇଥାଏ । ଏଥିଲାଗି ଗୋଟିଏ ପାଖ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଯାଏ । ବର୍ଷା ଛାଡ଼ିଲା ପରେ ଏନଏଚଆଇ ପକ୍ଷରୁ ବଜୁରି ଗୁଣ୍ଡ ପକାଇ ରାସ୍ତା ସମତୁଲ କରିଦିଅନ୍ତି । ଯାତାୟାତ ଠିକ୍ ଠାକ୍ ଚାଲେ । କିନ୍ତୁ ପୁଣି ବର୍ଷା ହେଲେ ଯାହାକୁ ତାହା ହୋଇଯାଏ । ବଜୁରି ଗୁଣ୍ଡଗୁଡିକ ପାଣିରେ ଭାସିଯିବା ସହିତ ସେହି ସ୍ଥାନରେ ଗାତ ସୃଷ୍ଟି ହୋଇଯାଏ । ଅଜଣା ଗାଡ଼ି ସେହି ରାସ୍ତାରେ ଗଲେ ସେହିଠାରେ ଅଟକି ରହେ କ୍ରେନ୍ ଆସିବା ଯାଏ । ଏଭଳି ବାରମ୍ବାର ହେଉଥିଲେ ମଧ ଜାତୀୟ ରାଜପଥ ପକ୍ଷରୁ କେବଳ କାମଚଳା ପ୍ୟାଚ୍ ପକାଇ କାମ ସାରି ଦିଆଯାଇଥାଏ । ଅସଲ ସମସ୍ୟା ହେଲା ଏହି ରାସ୍ତାରେ ପ୍ରତିଦିନ ଦୁଇ ଚକିଆ ଯାନ ଖାଲରେ ପଡି ଆହତ ହେବା ସହିତ ମେଡିକାଲ୍ ଯିବା ନିତିଦିନିଆ ଘଟଣା ହୋଇଛି । ଏହି ଦୁର୍ଘଟଣାରୁ ରକ୍ଷା ପାଇବା ଲାଗି ଏହି ରାସ୍ତାକୁ ସ୍ଥାୟୀ ଭାବେ କଂକ୍ରିଟ୍ କିମ୍ବା ପିଚୁ କରିବାକୁ ବହୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ବଢ଼ୁଛି ବାଳ ଅପରାଧ:କମ୍ ବୟସରୁ ତମାଖୁ ଓ ଡେନ୍ଡ୍ରାଇଟ୍ ଅଠା ସେବନ

**ଚନ୍ଦ୍ରଶେଖରପୁର, ନ୍ୟୁଜ୍ ବ୍ୟୁରୋ**

ତମାଖୁ ବର୍ଜନ ନିମନ୍ତେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ପ୍ରତିବର୍ଷ ତମାଖୁ ବର୍ଜନ ଦିବସ ପାଳିତ ହେଉଛି । ଏହାସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ଆସୁନଥିବା ଦେଖିବାକୁ ମିଳୁଛି । ରାଜଧାନୀର ବିଭିନ୍ନ ସ୍ଥାନରେ ତମାଖୁ, ସିଗାରେଟ୍ ଆଦି ଖୁଲମ୍‌ଖୁଲା ବିକ୍ରି ହେଉଛି । ଆବାସ କଲୋନୀ, ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ନିକଟ ବି ବାଦ୍ ପଡୁନି । ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରାଯାଇଥିଲା । ସେହି ନିୟମ ଏବେ ପାଣି ଫୋଟକା ଭଳି କୁଆଡ଼େ ମିଳେଇ ଯାଇଛି । ନାବାଳକମାନେ ବିଭିନ୍ନ ନିଶା ବ୍ୟବହାର କରୁଛନ୍ତି । ରାଜଧାନୀରେ ତମାଖୁ ସେବନକାରୀ ପୁରୁଷଙ୍କ ମାତ୍ରା ୪୦.୫ ପ୍ରତିଶତ ଥିଲାବେଳେ ମହିଳାଙ୍କ ମାତ୍ରା ୧୬.୬ ପ୍ରତିଶତ ରହିଛି । ୨୦୧୩ରେ ଗୁଟ୍‌ଖା, ତମାଖୁ ପରି ନିଶାଦ୍ରବ୍ୟ ଉତ୍ପାଦନ, ବିକ୍ରି ଓ ବ୍ୟବହାର ପ୍ରତି ସରକାର ରୋକ୍ ଲଗାଇବା ସହ ନିଷେଧାଦେଶ ଜାରି କରିଥିଲେ । ପରବର୍ତ୍ତୀ ସମୟରେ ଏହି ନିର୍ଦ୍ଦେଶ ଫାଇଲ୍ ଭିତରେ ବନ୍ଦ ହୋଇ ରହିଯାଇଛି । ବସ୍ତି ଅଞ୍ଚଳର ନାବାଳକମାନେ ବିଭିନ୍ନ ନିଶା ଦ୍ରବ୍ୟ ପ୍ରଭାବରେ ଅପରାଧ ଘଟାଉଥିବା ଜଣାପଡ଼ିଛି । ତମାଖୁ ପରେ କମ୍ ଦରରେ ମିଳୁଥିବା ଗଞ୍ଜେଇ, ଅଧିକ ନିଶା ହେବା ପାଇଁ ବଜାରରେ ମିଳୁଥିବା ଡେନ୍ଡ୍ରାଇଟ୍ ଅଠା ସେବନ କରି ନିଶାଚୁର୍ ହୋଇ ଲୁଟ୍‌ପାଟ୍ ଚୋରି ଆଦି ଅପରାଧିକ କାର୍ଯ୍ୟକଳାପ ଭିଆଉଛନ୍ତି । ଦିନ କି ରାତି ପ୍ରତି ସମୟରେ କମ୍ ବୟସ ନାବାଳକମାନେ ଚୋରି, ଲୁଟ୍‌ପାଟ୍ କରିବା ପାଇଁ ଘରିଆଡ଼େ ଘୁରି ବୁଲୁଛନ୍ତି । ଅନେକ ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ି ମାଡ଼ ଖାଇବା ସହ ପୋଲିସକୁ ହସ୍ତାନ୍ତର ହେଉଛନ୍ତି । ପୋଲିସ ଏହାକୁ ହାଲୁକା ଭାବେ ନେଇ ଦିନତମାମ ଥାନାରେ ଅଟକ ରଖିବା ପରେ ସେହି ନାବାଳକଙ୍କ ମା' ବାପାଙ୍କୁ ଡ଼ାକି ଲିଖିତ ଭାବେ ଛାଡ଼ି ଦେଉଛନ୍ତି । ଏଭଳି ଘଟଣା ଯୋଗୁ କମ୍ ବୟସ ନାବାଳକମାନେ ଦିନକୁ ଦିନ ସେମାନଙ୍କ ଅପରାଧିକ ସାମ୍ରାଜ୍ୟ ବଢ଼ାଉଛନ୍ତି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି । ନାବାଳକଙ୍କ ନିଶା ସେବନ କେବଳ ବସ୍ତି ଅଞ୍ଚଳରେ ସୀମିତ ହୋଇ ରହିନାହିଁ । ରାଜଧାନୀର କିଛି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିବା ୯ମ ଓ ୧୦ମ ଶ୍ରେଣୀର କମ୍ ବୟସ ଛାତ୍ର ମଧ ନିଶା କବଳରେ ପଡୁଛନ୍ତି । ବିଦ୍ୟାଳୟ ଠାରୁ ମାତ୍ର ୨୦ରୁ ୩୦ ମିଟର ବ୍ୟବଧାନରେ ଥିବା ପାନ ଦୋକାନରେ ଗୁଟ୍‌ଖା, ସିଗାରେଟ୍ ମିଳୁଥିବାବେଳେ ଆଉ କିଛି ସ୍ଥାନରେ ଗଞ୍ଜେଇ ମିଶା ସିଗାରେଟ୍ ମଧ ମିଳୁଛି । ବିଦ୍ୟାଳୟରେ ପଢୁଥିବା କମ୍ ବୟସ ପିଲାମାନେ ସିଗାରେଟ୍, ତମାଖୁ ଲୁଚାଛପାରେ ବ୍ୟବହାର କରୁଥିବା ଦେଖାଯାଉଛି । ଏଥିପ୍ରତି ଏବେଠାରୁ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାନଗଲେ ଆଗକୁ ସ୍ଥିତି ଭୟଙ୍କର ହୋଇପଡ଼ିବା ସମ୍ଭାବନା ରହିଛି ।

# ଜାତୀୟ ରାଜପଥରେ ନର୍ଦ୍ଦମା ଜଳ:ସୁଧୁରୁନି ପରିମଳ ସମସ୍ୟା

**ରଣପୁର, ନ୍ୟୁଜ୍ ବ୍ୟୁରୋ**



ନୟାଗଡ଼ ଜିଲ୍ଲା ରଣପୁର ଏନ୍‌ଏସି ସମେତ ରାଜସୁନାଖଳା ଓ ଚାନ୍ଦପୁର ଅଞ୍ଚଳରେ ପରିମଳ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହେଉନଥିବା ଲକ୍ଷ୍ୟ କରାଯାଉଛି । ରଣପୁର ବଡ଼ଦାଣ୍ଡ କଡ଼ରେ ଥିବା ନାଳ ପୋତି ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଅଧିକାଂଶ ୱାର୍ଡରେ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ କହିଲେ ଚଳେ । ସାମାନ୍ୟ ବର୍ଷାରେ ବର୍ଷା ଜଳ ଘରେ ପଶୁଥିବା ଦେଖିବାକୁ ମିଳୁଛି । ନିୟମିତ ବ୍ୟବଧାନରେ ନାଳ ସଫା ହେଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଅତିକ୍ରମ କରିଥିବା ରାଜସୁନାଖଳା ବଜାରରେ ସମସ୍ୟା ଅନୁରୂପ । ଲକ୍ଷାଧିକ ଟଙ୍କା ବ୍ୟୟରେ ନାଳ ନିର୍ମାଣ ହୋଇଥିଲେ ମଧ ପାଣି ନିଷ୍କାସିତ ନହୋଇ ତା'ମଧ୍ୟରେ ଜମି ରହୁଛି । ଠିକାଦାରଙ୍କ ମନମୁଖି ଓ ତ୍ରୁଟିପୂର୍ଣ୍ଣ ନିର୍ମାଣ ଫଳରେ ସମସ୍ୟା ଦ୍ୱିଗୁଣିତ ହେଉଥିବା ଜଣାପଡ଼ିଛି । ରାଜସୁନାଖଳା ଠାରେ ଜାତୀୟ ରାଜପଥ କଡ଼ରେ ନାଳ ନିର୍ମାଣ କାର୍ଯ୍ୟ ଗତ କିଛି ବର୍ଷ ହେଲା ଚାଲୁଛି । ବିଭିନ୍ନ ସ୍ଥାନରେ ଠିକାଦାର ନାଳ ଖୋଳି ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦେଇଥିବାରୁ ଏବେ ସେଠାରେ ପାଣି ଜମି ରହୁଛି । ଯାତ୍ରୀ ଓ ଅଞ୍ଚଳବାସୀ ଏଭଳି କର୍ଦ୍ଦମାକ୍ତ ପରିବେଶର ସମ୍ମୁଖୀନ ହେଉଛନ୍ତି । ରାଜସୁନାଖଳା ଗୋପୀନାଥପୁରସାହି ବିଦ୍ୟାଳୟ ସମ୍ମୁଖ ନାଳ ସମେତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତଳବଜାର ଜାତୀୟ ରାଜପଥ ପାର୍ଶ୍ୱ ଆଦି ସ୍ଥାନରେ ଏଭଳି ଅର୍ଦ୍ଧନିର୍ମିତ ନାଳରେ ଜଳ ନିଷ୍କାସନ ହେଉନଥିବା ଦେଖିବାକୁ ମିଳିଛି । ଫଳରେ ଜାତୀୟ ରାଜପଥ ଉପରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ସେହିଭଳି ଚାନ୍ଦପୁର ବଜାରରେ ଅନୁରୂପ ଅବସ୍ଥା । ଦ୍ୱାଦଶ ଅର୍ଥ କମିସନଙ୍କ ପକ୍ଷରୁ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଅର୍ଥ ମଞ୍ଜୁର ହୋଇ ସିଧାସଳଖ ପଞ୍ଚାୟତକୁ ପ୍ରଦାନ କରାଯାଉଛି । ଯେଉଁ ପଞ୍ଚାୟତରେ ଏଭଳି ସମସ୍ୟା ରହିଛି ତା'ର ସମାଧାନ କରିବା ଆବଶ୍ୟକ ବୋଲି ନିୟମ ରହିଛି । ସରକାରୀ ସୁବିଧା ଥିଲେ ମଧ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ପ୍ରତିବର୍ଷ ଏହାର ପୁନଃ ନିର୍ମାଣ ଓ ମରାମତି ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ମାତ୍ର ଏଥିରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ବର୍ଷା ଋତୁରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି । ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦୟାନିଧି ରାୟଗୁରୁ ଏଭଳି ସମସ୍ୟାକୁ ସ୍ୱୀକାର କରିଛନ୍ତି । ଜନସାଧାରଣଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ସ୍ୱାସ୍ଥ୍ୟ ବିଭାଗର ଭୁଲ ରିପୋର୍ଟରୁ ମହିଳା ସାଜିଲେ ଗର୍ଭବତୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ଭୁଲ୍ ରିପୋର୍ଟ ଯୋଗୁ ଜଣେ ମହିଳା ଗର୍ଭବତୀ ସାଜିବା ସହ ୧୦ ମାସ ଧରି ମେଡିସିନ୍ ଓ ଟୀକା ଦେଇ ନିଜର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରୁଥିଲେ । କିନ୍ତୁ ଯେଉଁ ସମୟରେ ପ୍ରସବ ହେବ ସେହି ସମୟରେ ପେଟରେ ଛୁଆ ନାହିଁ କହି ହାତ ଟେକି ଦେଇଛି ସ୍ୱାସ୍ଥ୍ୟ ବିଭାଗ । ଯଦି ପେଟରେ ଛୁଆ ନାହିଁ ତାହେଲେ ସ୍ୱାସ୍ଥ୍ୟ ବିଭାଗ କ୍ରମାଗତ ମେଡିସିନ୍, ଟୀକାକରଣ କରୁଥିଲା କାହିଁକି ଓ ଜଣେ ନିରୀହ ଜୀବନ ସହ ଖେଳିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲା ଉପାନ୍ତ ରାଇଘର ବ୍ଲକ ସଦର ମହକୁମା ଠାରେ ଏଭଳି ଘଟଣା ଘଟିଥିବା ବେଳେ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହୋଇଛି । ସୂଚନା ଅନୁସାରେ ରାଇଘର ସଦର ମହକୁମା ପତ୍ରକୋଟି ସାହିର ଟଙ୍କ ହରିଜନଙ୍କ ଝିଅ ଦମୟନ୍ତୀ ହରିଜନ କଳାହାଣ୍ଡି ଜିଲ୍ଲାରେ ମଳୟ ନାୟକଙ୍କୁ ବିବାହ କରିଥିଲେ । ବିବାହର ଚାରି ବର୍ଷ ପରେ ଦମୟନ୍ତୀ ଗର୍ଭବତୀ ହେବା ପରେ ଝିଅକୁ ବାପା ଘର ଲୋକେ ରଖି ଚିକିତ୍ସା ଆରମ୍ଭ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦମୟନ୍ତୀ (୨୩)ଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ଆରସିଏଚ ନଂ ୧୨୧୦୧୧୭୯୧୪୧୦ରେ ପଞ୍ଜିକରଣ କରାଯାଇଥିଲା । ଗତ ଫେବୃୟାରୀ ୨୪ ତାରିଖ ଦିନ କାର୍ଡ ଖୋଲିଥିବା ବେଳେ ଶେଷ ମାସିକ ରତୁସ୍ରାବ ତାରିଖ ୨୪.୧୦.୨୩ ଓ ପ୍ରସବ ତାରିଖ ୩୧.୦୭.୨୪ ବୋଲି କାର୍ଡରେ ଉଲ୍ଲେଖ ରହିଛି । ସମ୍ପୃକ୍ତ ମହିଳା ଜଣକ ଗର୍ଭବତୀ ବୋଲି ଚିହ୍ନଟ ହେବା ପରେ ଟୀକା ପ୍ରଦାନ ସହ ଅଣ୍ଡା ଓ ପୃଷ୍ଟିକର ଖାଦ୍ୟ ଛତୁଆ ପ୍ରଦାନ କରାଯାଇଥିଲା । ଜୁଲାଇ ୩୦ ବଦଳରେ ଜୁଲାଇ ୧୨ ତାରିଖ ପ୍ରସବ ହେବା ନେଇ ଅବଗତ ପରେ ସେ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । କିନ୍ତୁ ପେଟରେ ଛୁଆ ୧୦ ମାସ ଧରି ମେଡିସିନ୍ ଓ ଟୀକା ନେଇ ଯାଞ୍ଚ କରୁଥିଲେ । ପେଟରେ ଛୁଆ ନଥିବା ଜଣାପଡିବା ପରେ ସଂପୃକ୍ତ ମହିଳାଙ୍କ ସହ ପରିବାର ଆଶ୍ଚର୍ଯ୍ୟ ହେବା ସହ ସ୍ୱତନ୍ତ୍ର ଯାଞ୍ଚ କରିବାକୁ କହିଥିଲେ । ଉମରକୋଟ ଠାରେ ପୁଣି ଥରେ କିଟ୍ ଟେଷ୍ଟ ପରେ ମହିଳା ଗର୍ଭବତୀ ନଥିବା ସ୍ୱାସ୍ଥ୍ୟ ବିଭାଗ ଅବଗତ କରିଛି । ତେବେ ଯଦି ସମ୍ପୃକ୍ତ ମହିଳା ଗର୍ଭବତୀ ନଥିଲେ ତାହେଲେ ମା' ଓ ଶିଶୁ ସୁରକ୍ଷା କାର୍ଡରେ ପଞ୍ଜିକରଣ କରାଗଲା କାହିଁକି ଓ ମାସ ମାସ ଧରି ଔଷଧ ସହ ଟୀକା ପ୍ରଦାନ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ଏହି ଘଟଣାରେ କିଏ ଦୋଷୀ ବିଭାଗ ତଦନ୍ତ କରିବା ଜରୁରୀ ହୋଇପଡିଛି । ଘଟଣାକୁ ସମସ୍ତେ ଗୁରୁତର ନେବା ସଫେଇ ଦେଇ ନିରୀହ ଲୋକଙ୍କ ସହ ଖେଳୁଥିବା ଅଭିଯୋଗ ହୋଇଛି । ଉକ୍ତ ଘଟଣାରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ଯେ ଯଦି ପେଟରେ ଛୁଆ ନଥିଲା ତାହେଲେ ଆଜି ପର୍ଯ୍ୟନ୍ତ ଛୁଆ ଠିକଥିବା କହି ଟୀକା ଓ ଔଷଧ ସେବନ କରିବାକୁ ବିଭାଗ କାହିଁକି ନିର୍ଦ୍ଦେଶ ଦେଇଥିଲା । ସ୍ତ୍ରୀଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗ ଖେଳିଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି ମହିଳାଙ୍କ ସ୍ୱାମୀ ମଳୟ ନାୟକ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଅଣଓଡ଼ିଆଙ୍କ କବ୍‌ଜାରେ ସରକାରୀ ଜମି:ଉଚ୍ଛେଦ ଦାବି




**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ଅଞ୍ଚଳରେ ବହୁ ସରକାରୀ ଜମି ଜବରଦଖଲରେ ରହିଛି । ଜମି ମାଫିଆଙ୍କ ଠାରୁ ସାଧାରଣଲୋକ ସରକାରୀ ଜମି ଉପରେ ଘର କରିବା ସହ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରୁଛନ୍ତି । ତାମଧ୍ୟରେ ଅଣଓଡ଼ିଆଙ୍କ ସଂଖ୍ୟା ବହୁ ପରିମାଣରେ ଥିବା ଅଭିଯୋଗ ହେଉଛି । କାମ ଧନ୍ଦା ଅନ୍ୱେଷଣରେ ଆସୁଥିବା ଲୋକେ ସରକାରୀ ଜମି ଜବରଦଖଲ କରୁଛନ୍ତି । ଯାହା କାରଣରୁ ଅନେକ ସ୍ଥାନରେ ବସ୍ତି ମଧ ଗଢ଼ିଉଠୁଛି । ବର୍ଷ ବର୍ଷ ଧରି ଏମାନେ ସରକାରଙ୍କ ବିନା ଅନୁମତିରେ ମୂଲ୍ୟବାନ ଜମିକୁ ନିଜ ଆୟତ୍ତରେ ରଖୁଛନ୍ତି ତେଣୁ ଅନେକ ସମୟରେ ସରକାରଙ୍କ ପକ୍ଷରୁ ଉନ୍ନୟନମୂଳକ ପ୍ରକଳ୍ପ କରିବାରେ ବାଧା ସୃଷ୍ଟି ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ସେପଟେ ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ୍ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଜବର ଦଖଲ ହଟିବା ପରେ ଏହାକୁ ବାଡ଼ ବସାଇ ଓ ଏଥିରେ ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଭଳି ସାଇନ୍ ବୋର୍ଡ ଲଗାଇବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି ।ଅନ୍ୟପଟେ ବ୍ରଜରାଜନଗର ଗାନ୍ଧି ଛକ ଓ ଏହାର ପାଖା ପାଖି ଅଞ୍ଚଳର ଅନେକ ସରକାରୀ ଜମି ଜବରଦଖଲ ହୋଇସାରିଛି । ଏପରି କି ରାସ୍ତା, ଶ୍ମଶାନ, ଜଙ୍ଗଲ ଜମିକୁ ମଧ ଅଣଓଡ଼ିଆଙ୍କ କବ୍‌ଜାର ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରି ଭଡ଼ା ବାବଦରେ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଅର୍ଜିତ କରୁଛନ୍ତି । ତାସହିତ ଜବରଦଖଲକାରୀ ବାହାର ରାଜ୍ୟର ହୋଇଥିବାରୁ ତାଙ୍କ ଅପରାଧିକ କାର୍ଯ୍ୟକଳାପ ବାବଦରେ କାହାକୁ ଜଣାନାହିଁ । ତେଣୁ ସେମାନେ କୌଣସି ଅପରାଧ ଘଟାଇ ନିଜ ମୂଳ ସ୍ଥାନକୁ ପଳାୟନ କଲେ ମଧ ତାଙ୍କୁ ଧରିବା ଅସମ୍ଭବ ନହେଲେ ମଧ କଷ୍ଟକର କାର୍ଯ୍ୟ ଅଟେ । ସେପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶ ପରେ ରାଜସ୍ୱ ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିସାରିଛି । ଏହି ଚିଠି ଏବେ ଏହି ବେଆଇନ୍ ଜମି ଜବରଦଖଲକାରୀଙ୍କ ଛନକା ବଢ଼ାଇ ଦେଇଛି । ଅପରପକ୍ଷରେ ଏହି ସବୁ ବେଆଇନ୍ ଜବରଦଖଲ ପଛରେ ରାଜସ୍ୱ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି । ରାଜସ୍ୱ ବିଭଗର କେତେକ ଅସାଧୁ ଅଧିକାରୀ ଉକ୍ତ ଲୋକଙ୍କ ସହିତ ହାତ ମିଳାଇ ବେଆଇନ୍ ଭାବେ ଟଙ୍କା କମାଇବା ଉଦ୍ଦେଶ୍ୟରେ ଜମି ପ୍ରଦାନ କରିଥିବା ଲୋକେ ଅଭିଯୋଗ କରିଛନ୍ତି । ସେହିପରି ସ୍ଥାନୀୟ ବିଧାୟକ ଖୋଦ୍ ରାଜସ୍ୱ ମନ୍ତ୍ରୀ ଥିବାରୁ ବ୍ରଜରାଜନଗର ଅଞ୍ଚଳରେ ବେଆଇନ୍ ଜବରଦଖଲ ଚିହ୍ନଟ କରି ଅତିଶୀଘ୍ର ଉଚ୍ଛେଦ କରାଯିବ ବୋଲି ଲୋକେ ଆଶା ବାନ୍ଧିଛନ୍ତି ।

## ୯୦୦ ଲିଟର ପୋଚ ଓ ୬୦ ଲିଟର ମଦ ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ମଦ ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନାପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୯ଶହ ଲିଟର ପୋଚ ଓ ୬୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# କେନ୍ଦ୍ରାପଡା ପୌରପରିଷଦ ବୈଠକ:ପୌରାଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌର ପରିଷଦର ସାଧାରଣ ବୈଠକ କାଉନସିଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା ସରିତା ସାହୁ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାନ, ଉପାଧକ୍ଷା ଆକବରୀ ଖାତୁନ, ପୌରନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କ ସମେତ ସମସ୍ତ କାଉନସିଲର ବୈଠକରେ ଉପସ୍ଥିତ ଥିଲେ । ଗତ ବୈଠକର ପାରିତ ପ୍ରସ୍ତାବ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା । ଯେଉଁ ଠିକାଦାର ମାନେ ଦୀର୍ଘ ଦିନ ହେଲା କାର୍ଯ୍ୟାଦେଶ ପାଇ କାର୍ଯ୍ୟ ଅସମ୍ପୂର୍ଣ୍ଣ ରଖିଛନ୍ତି ଓ ଆଦୌ ଆରମ୍ଭ କରିନାହାଁନ୍ତି ସେଗୁଡିକୁ ସମ୍ପୂର୍ଣ୍ଣ କରିବା ଦିଗରେ ପୌରସଂସ୍ଥା ସକ୍ରୀୟ ଭାବେ ଉଦ୍ୟମ କରିବ । ଯେଉଁ ଠିକାଦାରମାନେ କାର୍ଯ୍ୟାଦେଶ ପାଇ ମଧ କାମ କରିବାରେ ନିୟମିତ ଅବହେଳା ପ୍ରକାଶ କରୁଛନ୍ତି ସେହି ଟେଣ୍ଡର ଗୁଡିକୁ ବାତିଲ କରି ସାନି ଟେଣ୍ଡର ପାଇଁ ବୈଠକରେ ଆଲୋଚନା କରାଯାଇଛି । ଆସନ୍ତା ଅଗଷ୍ଟ ମାସ ମଧ୍ୟରେ ପୌରସଂସ୍ଥାର ନୂତନ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରାଯିବାକୁ ସ୍ଥିର କରାଯାଇଛି । ସହରର ୫ଟି ଗୁରୁତ୍ୱପୂର୍ଣ୍ଣ ଛକକୁ ସୌନ୍ଦର୍ଯ୍ୟ କରଣ କରାଯିବାକୁ ନିଷ୍ପତି ନିଆଯାଇଛି । ଏହା ସହ ଡ୍ରେନେଜ୍ ଗୁଡିକ ନିର୍ମାଣ ଓ ମରାମତି, ରାସ୍ତାଘାଟର ମରାମତି କାର୍ଯ୍ୟ ଗୁଡିକୁ ତ୍ୱରାନିତ କରାଯିବ । ନୂଆ ବସ୍‌ଷ୍ଟାଣ୍ଡ ଠାରେ ଥିବା ସର୍ବ ସାଧାରଣ ଶୌଚାଳୟକୁ ଭାଙ୍ଗି ଦିଆଯାଇଥିବା ଓ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଥିବା ନିର୍ମାଣ କାର୍ଯ୍ୟ ତ୍ୱରାନିତ କରି ଖୁବଶିଘ୍ର ସାରିବା ପାଇଁ ବିଧାୟକ ଶ୍ରୀ ବେହେରା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହାସହ ପୌରାଞ୍ଚଳ ମଧ୍ୟରେ ଥିବା ଜଳ ସମ୍ପଦ ବିଭାଗର ଉଦ୍‌ବୃତ୍ତ ଜମିକୁ ପୌରସଂସ୍ଥା ନିଜ ହାତକୁ ନେଇ ଉନ୍ନତି ମୂଳକ କାର୍ଯ୍ୟରେ ଲଗାଇବାକୁ ବୈଠକରେ ନିଷ୍ପତି ନିଆଯାଇଛି । ଏହା ସହ ପୌରସଂସ୍ଥାରେ କେହି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ତଦାରଖ କରିବାରେ ଅସୁବିଧା ହେଉଥିବାରୁ ଜଣେ ସ୍ଥାୟୀ କନିଷ୍ଠଯନ୍ତ୍ରୀ ନିଯୁକ୍ତି ଉପରେ ବୈଠକରେ ଆଲୋଚନା କରାଯାଇ ଗୃହିତ ହୋଇଛି । ଏହା ସହ ରାଜ୍ୟ ସରକାର ଜବରଦଖଲ ହଟାଇବା ପାଇଁ ନିଷ୍ପତି ନେଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାରେ ଓ ଜବର ଦଖଲ ସ୍ଥାନ ଚିହ୍ନଟ କରିବାକୁ ପୌରସଂସ୍ଥାରେ ଆଲୋଚନା କରାଯାଇଥିଲା । ତିନିମୁହାଣୀ ଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ଏକ ସୁଦୃଶ୍ୟ ତୋରଣ ନିର୍ମାଣ ପାଇଁ ବିଧାୟକଙ୍କ ପ୍ରସ୍ତାବକୁ ବୈଠକରେ ସ୍ୱୀକୃତି ମିଳିଛି । ଏହା ସହ ପୌରାଞ୍ଚଳର ଆଲୋକ ବ୍ୟବସ୍ଥା, ସଫେଇ ବ୍ୟବସ୍ଥା ଓ ଡ୍ରେନ୍ ଗୁଡିକର କାର୍ଯ୍ୟକ୍ଷମତା ସମ୍ପର୍କରେ ଆଲୋଚନା କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ବୈଠକରେ ଜଳ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗର ଅଧିକୃତ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜେନେରିକ୍ ଔଷଧର ଚାହିଦା ବଢ଼ୁଛି

**କଟକ, ନ୍ୟୁଜ୍ ବ୍ୟୁରୋ**



ଗରିବ ଜନସାଧାରଣଙ୍କୁ ଦାମୀ ଔଷଧ କମ୍ ମୂଲ୍ୟରେ ଯୋଗାଇବା ଲାଗି କେନ୍ଦ୍ର ସରକାର ଜେନେରିକ୍ ଔଷଧ ଉପରେ ଗୁରୁତ ଦେଇଥିଲେ । ପ୍ରଧାନମନ୍ତ୍ରୀ ଜନଔଷଧ କେନ୍ଦ୍ର ଜରିଆରେ ସରକାର ଶସ୍ତାରେ ଜେନେରିକ୍ ଔଷଧ ଯୋଗାଇ ଦେଉଛନ୍ତି । ଏହାଛଡ଼ା ଘରୋଇ ସଂସ୍ଥା ପକ୍ଷରୁ ମଧ ଜେନେରିକ୍ ଔଷଧ କାରବାର ଆରମ୍ଭ ହୋଇଛି । ଜେନେରିକ୍ ଔଷଧ ବିକ୍ରୟ ପାଇଁ ଓଡ଼ିଶାରେ ୫୫୫ଟି ପ୍ରଧାନମନ୍ତ୍ରୀ ଜନଔଷଧ କେନ୍ଦ୍ର ଥିବାବେଳେ ଏଥିରୁ କଟକ ଜିଲ୍ଲାରେ ସର୍ବାଧିକ ୧୧୦ଟି ଅଛି । ଲୋକେ ଯେଭଳି ହାତ ପାଆନ୍ତାରେ ଶସ୍ତା ଜେନେରିକ୍ ଔଷଧ ପାଇପାରିବେ ତାହା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଗତ ୨୦୨୨ ଆର୍ଥିକ ବର୍ଷରେ ୬୬୨ କୋଟି ୮୨ ଲକ୍ଷ ୭୫ ହଜାର ୩୧୯ ଟଙ୍କାର କାରବାର ହୋଇଥିଲା ବେଳେ ୨୦୨୩ରେ ଏହି କାରବାର ୯୩୭ କୋଟି ୯୯ ଲକ୍ଷ ୮୧ ହଜାର ୭୩୧ ଟଙ୍କାକୁ ବୃଦ୍ଧି ପାଇଛି । କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ଗତବର୍ଷ ୪୨୫ଟି ଜନଔଷଧ କେନ୍ଦ୍ର ଥିଲାବେଳେ ୨୦୨୪ ମାର୍ଚ୍ଚ ସୁଦ୍ଧା ୫୫୫ଟି କେନ୍ଦ୍ର ଖୋଲିଛି । ଏଥିମଧ୍ୟରେ କଟକରେ ସର୍ବାଧିକ ୧୧୦ଟି କେନ୍ଦ୍ର ରହିଛି । ଏହା ପଛକୁ ଖୋର୍ଦ୍ଧାରେ ୫୮ଟି କେନ୍ଦ୍ର ଥିବାବେଳେ ଗଞ୍ଜାମରେ ୫୩, ବାଲେଶ୍ୱରରେ ୪୪, କେନ୍ଦ୍ରାପଡାରେ ୩୧, ଯାଜପୁରରେ ୨୮, ଜଗତ୍‌ସିଂହପୁରରେ ୨୭, ଢେଙ୍କାନାଳରେ ୨୩, ଭଦ୍ରକରେ ୨୨ ଓ ପୁରୀରେ ୨୦ଟି କେନ୍ଦ୍ର ରହିଛି । ଅନୁଗୋଳ ଓ ସମ୍ବଲପୁରରେ ୧୫ଟି କେନ୍ଦ୍ର ଥିଲାବେଳେ ମୟୂରଭଞ୍ଜ ଓ ବରଗଡ଼ରେ ୧୩ଟି କେନ୍ଦ୍ର ରହିଛି । କେନ୍ଦୁଝରରେ ଓ ନୟାଗଡ଼ରେ ୧୨ଟି କେନ୍ଦ୍ର ଖୋଲିଥିବା ବେଳେ ସୋନପୁରରେ ୧୦ଟି ଜନଔଷଧି କେନ୍ଦ୍ର ରହିଛି । ଆମ ରାଜ୍ୟରେ ପୁରାତନ ରୋଗ, ମଧୁମେହ, ଥାଇରଡ଼୍, କିଡ଼ନୀ, ରକ୍ତଚାପ ସମ୍ପର୍କିତ ଜେନେରିକ୍ ଔଷଧ ବହୁଳ ମାତ୍ରାରେ ବିକ୍ରି ହେଉଛି । ରାଜ୍ୟ ନୋଡାଲ ଅଧିକାରୀଙ୍କ ସୂଚନା ଅନୁସାରେ ବର୍ତ୍ତମାନ ଆଉଟ୍‌ଡୋର୍ ରୋଗୀଙ୍କ ଆବଶ୍ୟକତାର ୯୦ ପ୍ରତିଶତ ପୂରଣ କରାଯାଇପାରିଛି । ଇନ୍‌ଡୋର୍ ରୋଗୀ ଔଷଧ ପାଇଁ ସମ୍ପୃକ୍ତ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ପାଖରେ ଜେନେରିକ୍ ଔଷଧ ଠିକ୍ ମାତ୍ରାରେ ପହଞ୍ଚିପାରୁନାହିଁ । ୨୦୨୫ ସୁଦ୍ଧା ଇନ୍‌ଡୋର୍ ଔଷଧ ଯୋଗାଣକୁ ସୁଗମ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଆମ ରାଜ୍ୟରେ ଚିକିତ୍ସକମାନେ ଔଷଧର 'କମ୍ପୋଜିସନ୍' ଲେଖିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଏହାକୁ ଅଧିକାଂଶ ଚିକିତ୍ସକ ପାଳନ କରୁନାହାନ୍ତି । ଚିକିତ୍ସକମାନେ ସାଦା କାଗଜରେ ବିଭିନ୍ନ କମ୍ପାନୀର ଔଷଧର ନାମ ଲେଖୁଛନ୍ତି । ଫଳରେ ରୋଗୀମାନେ ଜେନେରିକ୍ ଔଷଧ ପାଇପାରୁନାହାନ୍ତି । ଅପରପକ୍ଷରେ ଅନେକ କେନ୍ଦ୍ରରେ ଔଷଧ ମିଳୁନଥିବା ଅଭିଯୋଗ ସମ୍ପର୍କରେ ନୋଡାଲ୍ ଅଧିକାରୀ କହିଥିଲେ ଯେ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଔଷଧ ରହିଛି । ମାତ୍ର ବିଭିନ୍ନ କମ୍ପାନୀ ଔଷଧ ବିକିବା ପାଇଁ ଏପରି ଅପପ୍ରଚାର କରୁଛନ୍ତି । ଏ ନେଇ ଅଭିଯୋଗ ମିଳିବା ପରେ ପ୍ରାୟ ୧୦ଟି କେନ୍ଦ୍ରର ପଞ୍ଜୀକରଣ ରଦ୍ଦ କରାଯିବା ସହ ଅନ୍ୟମାନଙ୍କୁ ଜରିମାନା କରାଯାଇଛି । ସମଗ୍ର ଦେଶରେ ବର୍ତ୍ତମାନ ସୁଦ୍ଧା ୧୨୭୮୧ଟି ଜନଔଷଧ କେନ୍ଦ୍ର ଖୋଲିଥିବା ବେଳେ ଏଥିମଧ୍ୟରେ ଉତ୍ତରପ୍ରଦେଶରେ ସର୍ବାଧିକ ୨୨୧୮ଟି ରହିଛି । କର୍ଣ୍ଣାଟକରେ ଏହା ୧୨୩୫ ଥିବାବେଳେ କେରଳରେ ୧୨୨୭ ଓ ତାମିଲନାଡୁରେ ଏହି ସଂଖ୍ୟା ୧୧୦୬ ରହିଛି । ଗୁଜରାଟରେ ୬୮୨ଟି କେନ୍ଦ୍ର ଥିଲାବେଳେ ମହାରାଷ୍ଟ୍ରରେ ୬୭୪, ବିହାରରେ ୬୩୯, ପଶ୍ଚିମବଙ୍ଗରେ ୪୩୫, ଦିଲ୍ଲୀରେ ୪୬୫, ପଞ୍ଜାବରେ ୪୩୩, ରାଜସ୍ଥାନରେ ୩୭୪ ଓ ହରିୟାଣାରେ ୩୪୮ଟି ଜନୌଷଧୀ କେନ୍ଦ୍ର ରହିଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଜୁଲାଇ ୨୦୨୪ ଗୁରୁବାର





## ଇଣ୍ଡୋନେସିଆରୁ ମଧ୍ୟ ଠକିଛନ୍ତି ୨ ନାଇଜେରୀୟ ଠକ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ ଗିରଫ ୨ ନାଇଜେରିଆ ଠକଙ୍କ ପରିବାର ଲୋକଙ୍କୁ ତାଙ୍କ ଗିରଫଦାରୀ ସମ୍ପର୍କରେ ସୂଚନା ଦିଆଯାଇଛି । ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ନାଇଜେରିଆ ଦୂତାବାସକୁ ଏ ସମ୍ପର୍କରେ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା । ନାଇଜେରିଆ ରାଷ୍ଟ୍ରଦୂତ ୨ ଠକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଆବଶ୍ୟକ ପଡ଼ିଲେ ୨ ନାଇଜେରିଆ ଠକଙ୍କୁ ରାଷ୍ଟ୍ରଦୂତ ପଚରାଉଚରା କରିବେ ବୋଲି ଜଣାଯାଇଛି । ଅପରପକ୍ଷେ ଏହି ଠକ ଦ୍ୱୟଙ୍କ କଳାକାରନାମା ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଏ ୨ ଠକ ଇଣ୍ଡୋନେସିଆ ଏବଂ ଆଣ୍ଡାମାନ ନିକୋବର ଦୀପପୁଞ୍ଜରୁ ମଧ୍ୟ ଠକିଛନ୍ତି । ଲୋକଙ୍କୁ କେଶର ବ୍ୟବସାୟ ଏବଂ ଟଙ୍କାକୁ ଦୁଇଗୁଣା କରିବା ବାହାନରେ ଲୁଟିଛନ୍ତି । କ୍ରାଇମ୍‌ବ୍ରାଞ୍ଚ ସହ ଇଣ୍ଡୋନେସିଆର ଏବଂ ଆଣ୍ଡାମାନର ତଦନ୍ତକାରୀ ସଂସ୍ଥା ଯୋଗାଯୋଗ କରିଛନ୍ତି । ତାଙ୍କୁ ରିମାଣ୍ଡରେ ଆଣିବା ପରେ ଇଣ୍ଡୋନେସିଆର ତଦନ୍ତକାରୀ ସଂସ୍ଥା ପଚରାଉଚରା କରିବ ବୋଲି ସୂଚନା ମିଳିଛି । ଠକ ଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସେମାନଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଆବେଦନ କରିଛନ୍ତି । କିନ୍ତୁ ତାଙ୍କ ଆବେଦନକୁ କୋର୍ଟ ବିଚାରକୁ ନେଇ ରାୟ ସଂରକ୍ଷଣ କରି ରଖିଛନ୍ତି । ଗୁରୁବାର ନାଇଜେରିଆ ଠକଙ୍କୁ ରିମାଣ୍ଡ ପାଇଁ ଅନୁମତି ମିଳିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପଟରେ କ୍ରାଇମ୍‌ବ୍ରାଞ୍ଚ ଯାଞ୍ଚରୁ ଏକ ବଡ଼ ତଥ୍ୟ ମିଳିଛି । ଭାରତକୁ ପାଠ ପଢ଼ିବା ଏବଂ ଟୁରିଷ୍ଟ ଭିସାରେ ୧୦୦ରୁ ଅଧିକ ନାଇଜେରିଆ ନାଗରିକ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କ ଭିସା ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେମାନେ ଦୂତାବାସ ସହ ଯୋଗାଯୋଗ କରିନାହାନ୍ତି । ତେଣୁ ସେମାନେ ଭାରତରେ ରହି ଅପରାଧରେ ଜଡ଼ିତ ହେଉଥିବା ସନ୍ଦେହ କରାଯାଉଛି । ଏନେଇ କ୍ରାଇମ୍‌ବ୍ରାଞ୍ଚ ଏବଂ ଦିଲ୍ଲୀ ପୋଲିସ ସେମାନଙ୍କୁ ଖୋଜୁଛି ।

## ବିଜୁଳି ଖୁଣ୍ଟ ଉପରେ କୁମ୍ଭୀର ଛୁଆ



ରାଜନଗର, ନ୍ୟୁଜ୍ ବ୍ୟୁରୋ

ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଖୋଳା ନିକଟରେ ୩ ଫୁଟ୍‌ର ଏକ କୁମ୍ଭୀର ଛୁଆ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଯିବା ଘଟଣା ସାଧାରଣରେ କୌତୁହଳ ସୃଷ୍ଟି କରିଛି । କୁମ୍ଭୀର ଛୁଆଟି ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ି ଶୀର୍ଷରେ ତାର ସହ ଲାଗି ରହିଛି । ରିପୋର୍ଟ ଲେଖା ହେବା ଯାଏ ଯେତେ ଚେଷ୍ଟା କଲେ ବି ଛୁଆଟି ତଳକୁ ଓହ୍ଲାଉନଥିବା ଜଣାପଡ଼ିଛି । ବଉଳା କୁମ୍ଭୀରମାନେ ଭିତରକନିକା ଅଞ୍ଚଳରେ ଚଳିତ ବର୍ଷ ୧୧୪ଟି ବସା କରିଛନ୍ତି । ବଉଳା କୁମ୍ଭୀର ଜନବସତିକୁ ପଶି ଆସି ଲୋକ ଓ ଗୃହପାଳିତ ପଶୁଙ୍କୁ ଆକ୍ରମଣ କରିବାର ବହୁତ ନଜିର ରହିଛି । ପୂର୍ବରୁ କୁମ୍ଭୀରମାନଙ୍କୁ ଜନବସତିରେ ଥିବା ପୋଖରୀ, ନଦୀ, ନାଳ ରାସ୍ତା ଉପରେ ଦେଖିବାକୁ ମିଳିଥିଲା । ମାତ୍ର କୁମ୍ଭୀର ବିଦ୍ୟୁତ୍ ଖୁଣ୍ଟ ଉପରକୁ ଚଢ଼ିବା ପ୍ରଥମଥର ଦେଖିବାକୁ ମିଳିଛି । ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ପାଟଶାଳା ନଦୀରୁ କୁମ୍ଭୀର ଛୁଆ ଉଠିଆସି ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ିବା ଭିଡ଼ିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପାଟଶାଳା ନଦୀର ଖୋଳା ନିକଟରେ ନଦୀରୁ ଠି ରାସ୍ତା ପାର କରି ରାସ୍ତା ଏପଟେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପରକୁ କୁମ୍ଭୀରଟିଏ ଚଢ଼ିଯାଇଛି । ୨୫ ଫୁଟ୍ ଲମ୍ବ ବିଦ୍ୟୁତ୍ ଖୁଣ୍ଟର ପୂରା ଉପରକୁ କୁମ୍ଭୀର ଚଢ଼ିଯିବା ଓ ସ୍ଥାନୀୟ ଲୋକେ ତାକୁ ଦେଖି ପାଟି କରିବା, ଟେକା ମାରିବା ଓ ତାର ଭିଡ଼ିଓ କରି ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି ।

### ମଶାଙ୍କ ଉତ୍ପାତରେ କଳବଳ ହେଲେଣି ରାଜଧାନୀବାସୀ

## ହୁ ହୁ ହୋଇ ବଢ଼ିଲାଣି ଡେଙ୍ଗୁ:ବିଏମ୍‌ସିର ନିଦ ଭାଙ୍ଗୁନି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସାଧାରଣତଃ ବର୍ଷା ଋତୁ ପରେ ଅର୍ଥାତ୍ ନଭେମ୍ବର ଡିସେମ୍ବର ମାସରୁ ରାଜଧାନୀରେ ମଶାଙ୍କ ଦୌରାତ୍ମ୍ୟ ଆରମ୍ଭ ହୋଇଯାଏ । ଏଥିପାଇଁ ବିଏମ୍‌ସି ମଶା ଧୂଆଁ ଦେବାଠାରୁ ଆରମ୍ଭ କରି ତେଲ ସିଞ୍ଚନ ଆଦି ବିଭିନ୍ନ ପଦକ୍ଷେପ ଆପଣାଇଥାଏ । ହେଲେ ମଶା ବଂଶ ରୋକିବା ଦିଗରେ ବିଏମ୍‌ସିକୁ ଏତେଟା ସଫଳତା ମିଳୁ ନଥିବା ନଜିର୍ ରହିଛି । ଚଳିତବର୍ଷ ଜୁଲାଇ ମାସରୁ ରାଜଧାନୀବାସୀଙ୍କୁ କଳବଳ କଲେଣି ମଶା । ଗୋଟିଏ ପଟେ ସହରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ୁଛି । ଅନ୍ୟପକ୍ଷରେ ମଶାଙ୍କ ବଂଶବୃଦ୍ଧି ସହ ଏଭଳି ଉତ୍ପାତ ଯୋଗୁ ମ୍ୟାଲେରିଆ, ଫାଇଲେରିଆ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଭଳି ରୋଗ ବଢ଼ିବା ଆଶଙ୍କା ରାଜଧାନୀବାସୀଙ୍କୁ ଭୟଭୀତ କଲାଣି । ସେହିପରି ମଶା ଦମନ କରିବା ଦିଗରେ ବିଏମ୍‌ସି ପକ୍ଷରୁ ପ୍ରତି ୱାର୍ଡରେ ଟିଫା ମେସିନ୍ ଦ୍ୱାରା ଧୂଆଁ ଦେବା ପାଇଁ ବ୍ୟବସ୍ଥା ଥିଲେ ହେଁ ବିଏମ୍‌ସି କର୍ତ୍ତୃପକ୍ଷ ରାଜଧାନୀର କିଛି ପ୍ରମୁଖ ଅଞ୍ଚଳକୁ ଛାଡ଼ିଦେଲେ ଗଳିକନ୍ଦି ଓ ଉପକଣ୍ଠ କଥା ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି । ଫଳରେ ଉପକଣ୍ଠରେ ବସବାସ କରୁଥିବା ଲୋକମାନେ ମଶା କାମୁଡ଼ାରେ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି । ମଶା ବଂଶ ବୃଦ୍ଧିର ପ୍ରମୁଖ କାରଣ ହେଲା ଏକାଧିକ ୱାର୍ଡରେ ଅଳିଆ ଆବର୍ଜନା ଦିନ ଦିନ ଧରି ଗଦା ହୋଇ ରହିବା । ବିଏମ୍‌ସିର ୬୭ଟି ଯାକ ୱାର୍ଡରେ ଥିବା ୧୨ଶହ କିଲୋମିଟର ଡ୍ରେନ୍ ଠିକ୍ ଭାବେ ସଫା ହେଉନି । ଫଳସ୍ୱରୂପ ସନ୍ତସନ୍ତିଆ ପରିବେଶରେ ମଶା ବୃଦ୍ଧି ପାଉଥିବା ଜଣାପଡ଼ିଛି ।



ସହରରେ ଡ୍ରେନ୍ ଗୁଡ଼ିକ ମଶାଙ୍କ ଏକୁଡ଼ିଶାଳ ପାଲଟିଛି । ଘରେ ବାହାରେ ସବୁଠି ଏବେ ମଶାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ବାହାରେ ଦିନବେଳେ ମଧ୍ୟ ମଶା କାମୁଡ଼ି ଲୋକଙ୍କ ହାତ ଗୋଡ଼ ଫୁଲାଇ ଦେଉଛନ୍ତି । ସେହିପରି ଘରେ ରହିଲେ ମଶା କାମୁଡ଼ାରୁ ବର୍ତ୍ତିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାର ମଶା ନିରୋଧୀ ଅଗରବତି ବ୍ୟବହାର କରୁଛନ୍ତି । ମାତ୍ର ତାକୁ ମଶା ଖାତିର କରୁନଥିବା ଜଣାପଡ଼ିଛି । ବିଶେଷକରି ବସ୍ତି ଅଞ୍ଚଳରେ ତ ଅବସ୍ଥା ସାଂଘାତିକ । ଏବେ ବର୍ଷାଋତୁ ଆସିଯାଇଥିବାରୁ ନିୟମିତ ନାଳ ନର୍ଦ୍ଦମା ସଫା କରାନଗଲେ ଆଗକୁ ପରିସ୍ଥିତି ଆହୁରି ବିଗିଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ମଶା ଦାଉରୁ ରକ୍ଷା ପାଇବା ପାଇଁ ରହିଛି ଟିଫା ମେସିନ୍ । ଏହି ମେସିନ୍ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ହୋଇଥିବା ବେଳେ ଏଥିରୁ ନିର୍ଗତ ଧୂଆଁ ମଶାକୁ ଦୂରେଇ ଦେଇଥାଏ । କିନ୍ତୁ ଏହି ମେସିନ୍ ସହରର ସବୁ ସ୍ଥାନରେ ବୁଲୁନଥିବା ଅଭିଯୋଗ ହେଉଛି । କେତେକ ୱାର୍ଡକୁ ମାସାଧିକ କାଳ ଏହି ଟିଫା ମେସିନ୍ ଯାଇନାହିଁ ବୋଲି ଲୋକେ କହିଛନ୍ତି । ଫଳରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ବିଶେଷକରି ରସୁଲଗଡ଼, ମଞ୍ଚେଶ୍ୱର, ପଳାଶୁଣି, ଝାରପଡ଼ା ଆଦି ଅଞ୍ଚଳରେ ନୂଆ କରି ଗଢ଼ି ଉଠିଥିବା ଆବାସିକ କଲୋନୀ ସବୁରେ ଏହି ଗାଡ଼ି ପହଞ୍ଚି ପାରୁନି । ସେଠାକାର ବାସିନ୍ଦାଙ୍କ ଅଭିଯୋଗ ହେଉଛି ଆମେ ବିଏମ୍‌ସିକୁ ଟିକସ ଦେଉଥିଲେ ସୁଦ୍ଧା ଆମକୁ ସେବା ଯୋଗାଇବାରେ ବିଏମ୍‌ସି ପାତରଅନ୍ତର କରୁଛି । ଏନେଇ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ମଶା ବଂଶ ସାଧାରଣତଃ ନଭେମ୍ବର ପରେ ବୃଦ୍ଧି ହୋଇଥାଏ । ମାତ୍ର ଚଳିତବର୍ଷ କିଛି କିଛି ସ୍ଥାନରେ ଏବେଠାରୁ ମଶାଙ୍କ ଉତ୍ପାତ ବଢୁଥିବା ଆମ ପାଖରେ ଅଭିଯୋଗ ହୋଇଛି । ଆମେ ସେହି ସବୁ ସ୍ଥାନରେ ସାନ୍ଦ୍ରତା ମାପିବା ସହ ଟିଫା ମେସିନ୍ ବୁଲାଇବା ଓ ମଶା ତେଲ ସିଞ୍ଚନ କରିବା ଦିଗରେ ଗୁରୁତ୍ୱ ଦେବୁ । ଏହାସହ ଆମ ପାଖରେ ଥିବା ଛୋଟ ଗାଡ଼ିଗୁଡ଼ିକ ଗଳିକନ୍ଦିକୁ ପଠାଯାଉଛି । ଯେଉଁ ୱାର୍ଡରୁ ଅଭିଯୋଗ ଆସୁଛି, ସେଠାକୁ ପ୍ରାଥମିକତା ଭିତ୍ତିରେ ପଠାଇବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି ।

### ବିମଳା ସେକ୍ସନ ଓ ଝାଡ଼ସାହି ଜଙ୍ଗଲରେ ମହାବଳ ବାଘ ଚିହ୍ନଟ

## ଗତିବିଧି ଜାଣିବା ପାଇଁ ଟ୍ରାପ୍ କ୍ୟାମେରା ଲାଗିଲା

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ବନଖଣ୍ଡର ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ପୂର୍ବରୁ ମହାବଳ ବାଘ ରହୁଥିବା ଚିହ୍ନଟ ହୋଇଥିବା ବେଳେ ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନରେ ମଧ୍ୟ ଆଉ ଏକ ମହାବଳ ବାଘର ଗତିବିଧି ଠାବ କରିଛି ବନ ବିଭାଗ । ବନ ବିଭାଗ ବାଘଟିର ପାଦଚିହ୍ନ ଠାବ କରିଛି । ମହାବଳର ଗତିବିଧି ଜାଣିବା ପାଇଁ ସମ୍ପୃକ୍ତ ସଂରକ୍ଷିତ ଅଞ୍ଚଳର ୯ଟି ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି ବୋଲି କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡ଼ି କହିଛନ୍ତି । ସୂଚନାନୁସାରେ ତେଲକୋଇ ରେଞ୍ଜ ବିମଳା ସେକ୍ସନର ଝାରବେଡ଼ା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବନ ବିଭାଗର କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ମହାବଳ ବାଘର ପାଦ ଚିହ୍ନ ଠାବ କରିଥିଲେ । ବାଘଟିର ଗତିବିଧି ପୂର୍ବରୁ ରେବଣା ସଂରକ୍ଷିତ ଜଙ୍ଗଲରେ ଠାବ ହୋଇଥିଲା ବୋଲି କୁହାଯାଉଛି । ତେବେ ଅଟେଇ ସଂରକ୍ଷିତ ଜଙ୍ଗଲରେ ଥିବା ମହାବଳ ଅନେକ ଦିନ ହେବ ଶିମିଳିପାଳକୁ ଚାଲିଯାଇଥିବା ବେଳେ ଏହା ଅନ୍ୟ ଏକ



ବାଘ ବୋଲି ଡିଏଫ୍‌ଓ କହିଛନ୍ତି । ବାଘଟିର ଗତିବିଧି ଜାଣିବାକୁ ୯ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି । ଏଥିସହ ପାଟ୍ରୋଲିଂ ବ୍ୟବସ୍ଥାକୁ ବନ ବିଭାଗ ତ୍ୱରାନ୍ୱିତ କରିଛି । ଟ୍ରାପ୍ କ୍ୟାମେରାରେ ବାଘ ଗତିବିଧି ଧରାପଡ଼ିବା ପରେ ଅଧିକ ତଥ୍ୟ ଜଣାପଡ଼ିବ । ଜଙ୍ଗଲ ଅଞ୍ଚଳରେ ବର୍ଷା ହେଉଥିବାରୁ ବାଘର ପାଦଚିହ୍ନ ଲିଭିଯାଇଥିବା ବେଳେ କେନ୍ଦୁଝର ବନଖଣ୍ଡକୁ ଆଉ ଏକ ମହାବଳର ଆଗମନ ପରିବେଶପ୍ରେମୀଙ୍କ ଲାଗି ଆନନ୍ଦ ଆଣିଛି । ସେହିପରି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧିନସ୍ଥ ଝାଡ଼ସାହି ଜଙ୍ଗଲରେ ବାଘ ବୁଲୁଥିବା ଜଣାପଡ଼ିଛି । ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି । ବିଲରେ ହଳ କରୁଥିବା କେତେକ ଚାଷୀ ବାଘକୁ ଦେଖିଥିବା କହିଥିଲେ । ପ୍ରାୟ ଏକ ମାସ ହେଲା ବାଘ ଆତଙ୍କ ଲାଗି ରହିଛି । କିଛି ଦିନ ତଳେ ମହୀପୁର ବନାଞ୍ଚଳ ଅନ୍ତର୍ଗତ କାସ୍ପାପଲ୍ଲୀ ପଞ୍ଚାୟତର କିମ୍ବିରୀ ଗ୍ରାମରେ ଏକ ବାଛୁରିକୁ ବାଘ ଖାଇବା ପରେ ବନ ବିଭାଗ ତତ୍ପର ହୋଇଉଠିଥିଲା । ପରେ ବାଘ ଶୁଳିଆ ଜଙ୍ଗଲକୁ ଚାଲିଯାଇଥିବା ବନ ବିଭାଗରୁ ସୂଚନା ମିଳିବା ପରେ ଲୋକଙ୍କ ମନରୁ ଭୟ ଦୂର ହୋଇଥିଲା । ହେଲେ ମଙ୍ଗଳବାର ବାଘ ଶୁଳିଆ ଜଙ୍ଗଲରୁ ବାହାରି ଆମ୍ବପଡ଼ା, ସାକେରୀ ଦେଇ ଝାଡ଼ସାହି ଜଙ୍ଗଲକୁ ଆସିଥିବା ଲୋକେ ଦେଖିଥିବା କହିଛନ୍ତି । ଉକ୍ତ ଜଙ୍ଗଲକୁ ଗାଁ ଓ ଚାଷ ଜମି ଲାଗି ରହିଥିବାରୁ ଏବେ ସମସ୍ତେ ଚିନ୍ତାରେ ରହିଛନ୍ତି । ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାହାଡ଼ାଝୋଲା ଫରେଷ୍ଟ ବିଟ୍ ବନପାଳ ମନୋଜ କୁମାର ସେଠୀ ଏ ସମ୍ପର୍କରେ କହିଛନ୍ତି ଯେ ଘଟଣା ସମ୍ପର୍କରେ ଆମେ ଅବଗତ ଅଛୁ । ହେଲେ ବାଘର ଗତିବିଧି ଅନୁସାରେ ଖୁବ୍‌ଶୀଘ୍ର ସେ ପଞ୍ଚୁପାଣ୍ଡବ ମୁଣ୍ଡିଆ ଆଡ଼କୁ ପଳାଇ ଯିବାର ସମ୍ଭାବନା ରହିଛି । ପରେ ଏହାକୁ ଲାଗିଥିବା ଗଞ୍ଜାମ ଜିଲ୍ଲା ଜଙ୍ଗଲ ଅଞ୍ଚଳକୁ ଚାଲିଯାଇପାରେ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଖବରପାଇ ସତ୍ୟାସତ୍ୟ ଜାଣିବା ନିମନ୍ତେ କର୍ମଚାରୀଙ୍କୁ କୁରାଳ ଜଙ୍ଗଲ ଅଞ୍ଚଳକୁ ପଠାଯାଇଛି ବୋଲି ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ କହିଛନ୍ତି । ତେବେ ପ୍ରାଥମିକ ସୁରକ୍ଷା ସ୍ୱରୂପ ବନବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିଯିବା ସହିତ ବାଘର ଗତିବିଧି ଉପରେ ନଜର ରଖାଯାଇଛି ।



## ରାଜ୍ୟପାଳଙ୍କ ପୁଅକୁ ଗିରଫ ଦାବି କଲା ବିଜେଡ଼ି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଜଣେ ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ରାଜ୍ୟ ସରକାରଙ୍କୁ ଘେରିଛି ବିଜେଡ଼ି । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ପୁରୀ ରାଜଭବନରେ ରାଜ୍ୟପାଳଙ୍କ ପୁଅ ଯିଏ ଅଣଓଡ଼ିଆ ଝାଡ଼ଖଣ୍ଡବାସୀ, ସିଏ ଓଡ଼ିଶା ସରକାରଙ୍କ ଏଏସ୍‌ଓଙ୍କୁ ସାଙ୍ଗମାନଙ୍କ ସହ ମାଡ଼ ମାରିବା, ଅସମ୍ମାନ କରିବା, ଚପଲରେ ଛେପ ପକେଇ ଚଟେଇବା, ନିର୍ଯାତନା ଦେଇଥିଲେ । ଏଏସ୍‌ଓ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲ୍ଲାପାଳ, ଡିଜିଙ୍କ ପାଖରେ ଗୁହାରୀ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଲାନି । ତାଙ୍କୁ ନ୍ୟାୟ ନମିଳିବା ଦୁଃଖଦାୟକ, ହୃଦୟବିଦାରକ କଥା । ଏହାଦ୍ୱାରା ବିଜେପିର ଓଡ଼ିଆ ଅସ୍ମିତାର ମିଛ ନାଟକର ମୁଖା ଖୋଲିଛି । ମୋହନ ସରକାର ଓଡ଼ିଆ ଅସ୍ମିତା ରହିବେ ନା ଅଣ ଓଡ଼ିଆ ଜରିଆରେ ଓଡ଼ିଆଙ୍କୁ ଦଳି ଚକଟି ମାରିବେ ବୋଲି ପ୍ରଶ୍ନ କରିଛନ୍ତି ଲେଖାଶ୍ରୀ । ନବୀନ ପଟ୍ଟନାୟକ ସରକାର ଦୋଷୀ ବିରୋଧରେ କିନ୍ତୁ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ସରୋଜ ମେହେର, ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦେବ ଏହାର ଉଦାହରଣ । ନ୍ୟାୟ ଦେବା ବଦଳରେ ଏଏସ୍‌ଓଙ୍କୁ ବଦଳି କରାଯାଇଥିବା ବେଳେ ରାଜ୍ୟପାଳଙ୍କ ପୁଅ କଲାର ଟେକି ବୁଲୁଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ । ଆଇନ୍ ସମସ୍ତଙ୍କ ପାଇଁ ଗୋଟିଏ । ରାଜ୍ୟପାଳଙ୍କ ପୁଅ ଗିରଫ ନହେଲେ ଆଗାମୀ ଦିନରେ ବିଜେଡି ରାଜଭବନ ଆଗରେ ଆନ୍ଦୋଳନ କରି ଓଡ଼ିଆ ଅସ୍ମିତା ପାଇଁ ଲଢ଼ିବ ବୋଲି ଚେତାବନୀ ଦେଇଛନ୍ତି ଲେଖାଶ୍ରୀ ।

## ମହିଳାଙ୍କ ଉପରେ ଝାମ୍ପ ମାରିଲା କଲରାପତରିଆ ବାଘ

ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ

କାମାକ୍ଷାନଗର-ମହାବୀରରୋଡ଼ ରେଞ୍ଜରେ ଗୋଟିଏ କଲରାପତରିଆ ବାଘ ଆତଙ୍କ ଖେଳାଇଛି । ବାଘଟି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି । ଆହତ ମହିଳା ଜଣକ ହେଲେ ମହାବୀରରୋଡ଼ ଥାନା ବ୍ରାହ୍ମଣଧରା ଗ୍ରାମର ପୁଇନ ନାୟକ । ସୂଚନା ମୁତାବକ ଅପରାହ୍ଣରେ ମହିଳାଙ୍କ ସହ ଗ୍ରାମର ୩ ଜଣ ମିଶି ପଙ୍ଗାତିରା ସେକ୍ସନ ବ୍ରାହ୍ମଣଧରା ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ । ଛେଳି ଚରାଉଥିବା ବେଳେ ଏକ କଲରାପତରିଆ ବାଘ ହଠାତ୍ ତାଙ୍କ ଉପରକୁ ଆକ୍ରମଣ କରିଥିଲା । ମହିଳାଙ୍କ ଚିତ୍କାର ଶୁଣି ସାଥୀରେ ଥିବା ଅନ୍ୟ ୨ଜଣ ଧାଇଁ ଆସିବାରୁ ବାଘଟି ମହିଳା ଜଣକୁ ଛାଡ଼ି ପଳାଇଥିଲା । ସାଥୀ ୨ଜଣ ମହିଳାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ । ବନ ବିଭାଗ ଖବରପାଇ ଗ୍ରାମରେ ପହଞ୍ଚି ମହିଳାଙ୍କୁ ଚିକିତ୍ସା ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା । ମହିଳାଙ୍କ ଦୁଇକାନ୍ଧ, ଛାତି ଓ ଜଙ୍ଘରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି । ବର୍ତ୍ତମାନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । ବନ ବିଭାଗ ତରଫରୁ ବ୍ରାହ୍ମଣଧରା ଗ୍ରାମରେ ସଚେତନତା କରାଯାଉଛି ଓ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ମଧ୍ୟ ସତର୍କ କରାଯାଉଛି । ଏପଟେ ଗ୍ରାମରେ ଜଣେ ମହିଳାଙ୍କୁ ବାଘ ଆକ୍ରମଣ କରିଥିବା ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

## କଂଗ୍ରେସ ନେତ୍ରୀ ଶ୍ରୀୟାସ୍ମିତାଙ୍କ ଉପରୁ ନିଲମ୍ବନ ଆଦେଶ ଉଠିବ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ବାଟ ଓଗାଳିଲେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ଶ୍ରୀୟାସ୍ମିତା ପଣ୍ଡା । ଦୀର୍ଘଦିନ ପରେ ମଙ୍ଗଳବାର ପିସିସି ସଭାପତି ସାମ୍ବାଦିକ ସମ୍ମିଳନୀ ପାଇଁ କଂଗ୍ରେସ ଭବନ ଆସିଥିଲେ । ଏହି ସମୟରେ ନିଲମ୍ବିତ କଂଗ୍ରେସ ନେତ୍ରୀ ଶ୍ରୀୟାସ୍ମିତା ପିସିସି ସଭାପତିଙ୍କ ବାଟ ଓଗାଳି ତାଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ । ଏହା ସହିତ କାହିଁକି ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି ସେନେଇ ସେ ଉତ୍ତର ମାଗିଥିଲେ । ଏହାପରେ ପିସିସି ସଭାପତି ତାଙ୍କୁ ଡାକି ତାଙ୍କ ସହ ଆଲୋଚନା କରିବା ପରେ ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀୟାସ୍ମିତା ଗଣମାଧ୍ୟମକୁ କହିଥିଲେ । ଏଥିପାଇଁ ୨ ଦିନ ପରେ ମିଠା ଧରି ଆସିବାକୁ ଶ୍ରୀୟାସ୍ମିତାଙ୍କୁ ପିସିସି ସଭାପତି କହିଥିବା ନେଇ ସେ କହିଥିଲେ । ସୂଚନା ଥାଉକି ପିସିସି ସଭାପତିଙ୍କ ଉପରେ କାଳିମାଡ଼ ଘଟଣା ପରେ ୫ ଜଣ ଯୁବ ଓ ଛାତ୍ର କଂଗ୍ରେସ ସଦସ୍ୟଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ଏଥିରେ ଶ୍ରୀୟାସ୍ମିତାଙ୍କ ନାଁ ରହିଥିଲା । ତେବେ ଏହି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନଥିବା ଦର୍ଶାଇ ଶ୍ରୀୟାସ୍ମିତା କଂଗ୍ରେସ ଭବନ ଗେଟ୍ ସାମ୍ନାରେ ଚାବି ଦେଇ ଦୀର୍ଘଦିନ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ।

## ସମ୍ବଲପୁର ଚିଡ଼ିଆଖାନାକୁ ଆସିବେ ୪ ମହାବଳ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମତି ମିଳିସାରିଛି । ଯୋଜନା ଅନୁମୋଦନ ବି ସରିଛି । ଖୁବ୍‌ଶୀଘ୍ର ସମ୍ବଲପୁର ଚିଡ଼ିଆଖାନା ଓ ଉଦ୍ଧାର କେନ୍ଦ୍ରକୁ ଆସିବେ ୪ ମହାବଳ । ଏଥିପାଇଁ ଏଠାରେ ଥିବା ୧୧୫ଟି ହରିଣଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟକୁ ପର୍ଯ୍ୟାୟକ୍ରମେ ସ୍ଥାନାନ୍ତର କରାଯିବ । ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର ୧୨ଟି ହରିଣଙ୍କୁ ଡେବ୍ରିଗଡ଼ରେ ଛଡ଼ାଯାଇଛି । ହରିଣ ବଦଳରେ ସେଠାରେ ବାଘ ସଫାରୀ ହେବ । ରାଜ୍ୟର ଦ୍ୱିତୀୟ ବୃହତ୍ ଚିଡ଼ିଆଖାନାକୁ ଆକର୍ଷଣୀୟ କରାଯିବ ବୋଲି ସୂଚନା ଦେଇଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ । କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମତି ପରେ ସମ୍ବଲପୁର ଚିଡ଼ିଆଖାନା ଓ ଉଦ୍ଧାର କେନ୍ଦ୍ରକୁ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀଙ୍କୁ



ଆଣିବାକୁ ଯୋଜନା ହେଉଛି । ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ସରିଛି । ବର୍ତ୍ତମାନ ସମ୍ବଲପୁର ଚିଡ଼ିଆଖାନାରେ ୧୭ଟି ପ୍ରଜାତିର ପ୍ରାଣୀ ଅଛନ୍ତି । ଆଗକୁ ୪୮ଟି ପ୍ରଜାତିର ପ୍ରାଣୀଙ୍କୁ ରଖାଯିବା ଯୋଜନା ରହିଛି । ନିକଟରେ ୪ଟି ମହାବଳ ସହ କୁମ୍ଭୀର ଆଣିବାକୁ ପ୍ରସ୍ତାବ ଦିଆସରିଛି ବୋଲି ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି । ଚିଡ଼ିଆଖାନାର ମନୁଷ୍ୟକୃତ ପରିବେଶରେ ରହୁଥିବା ହରିଣମାନେ ଅଭୟାରଣ୍ୟର ଜଙ୍ଗଲୀ ବାତାବରଣ ସହ ଯେପରି ଖାପଖୁଆଇ ପାରିବେ ସେଥିଲାଗି ସ୍ଥାନାନ୍ତର ପ୍ରକ୍ରିୟାରେ ସ୍ୱତନ୍ତ୍ର ପଦ୍ଧତି ଆପଣାଯାଇଛି । ହରିଣଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ଥାନାନ୍ତରରେ ଆଫ୍ରିକାରେ ବ୍ୟବହୃତ ବୋମା କ୍ୟାପ୍‌ଚରିଂ ଟେକ୍‌ନିକ୍‌ର ପ୍ରୟୋଗ କରାଯାଉଛି ବୋଲି ଶ୍ରୀମତୀ ଦାସ କହିଛନ୍ତି । ମଙ୍ଗଳବାର ଭୋର୍ ୩ଟାରୁ ୧୨ଟି ହରିଣଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟର ୧.୨ ହେକ୍ଟର ଅଞ୍ଚଳରେ କରାଯାଇଥିବା କ୍ୱାରେଣ୍ଟାଇନ ଏନ୍‌କ୍ଲୋଜରକୁ ସ୍ଥାନାନ୍ତର କରାଯାଇଛି । ଏହି ଏନ୍‌କ୍ଲୋଜର ଚତିପଟକୁ ବାଉଁଶରେ ଘେରାବନ୍ଦୀ କରି ଜଙ୍ଗଲ ପରିବେଶ ସୃଷ୍ଟି କରାଯାଇଛି । ୧୨ରୁ ୧୬ ପର୍ଯ୍ୟାୟରେ ସମସ୍ତ ହରିଣ ଏଠାକୁ ଯିବେ । ଏଠାରେ ସେମାନେ ୨ରୁ ୪ ସପ୍ତାହ ପର୍ଯ୍ୟନ୍ତ ରହିବେ । ଜଙ୍ଗଲ ପରିବେଶ ସହ ଖାପ ଖୁଆଇବା ପରେ ସେମାନଙ୍କୁ ଏନ୍‌କ୍ଲୋଜରରୁ ମୁକ୍ତ କରାଯିବ । ସେମାନଙ୍କ ସୁରକ୍ଷା ପାଇଁ ଗୋଟିଏ ଟ୍ରିଟମେଣ୍ଟ ୟୁନିଟ୍,କେୟାର, ସିସିଟିଭି କ୍ୟାମେରା ସହ ୪ଟି ମଞ୍ଚା ବ୍ୟବସ୍ଥା ହୋଇଛି । ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ କର୍ମଚାରୀ ପ୍ରସ୍ତୁତ ଥିବା ଡିଏଫ୍‌ଓ ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି ।

## ନବବଧୂ ହତ୍ୟା ମାମଲା:ଅଭିଯୁକ୍ତ ଫାଣ୍ଡିରୁ ଚମ୍ପଟ୍

ରଙ୍ଗେଇଲୁଣ୍ଡା, ନ୍ୟୁଜ୍ ବ୍ୟୁରୋ

ହତ୍ୟା ଅଭିଯୁକ୍ତ ସ୍ୱାମୀ କୌଶଲରେ ପୋଲିସ କବଳରୁ ଚମ୍ପଟ୍ ମାରିଛି । ସୋମବାର ରାତିରେ ବ୍ରହ୍ମପୁର ଏମ୍‌କେସିଜି ଫାଣ୍ଡିରୁ ଅଭିଯୁକ୍ତ ଖସିପାଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଜଣଙ୍କ ଲକ୍ଷ୍ମୀ ମହାରଣା ଘର ଗୋଳନ୍ଥରା ଥାନା ଅନ୍ତର୍ଗତ ଜଗନ୍ନାଥପୁରରେ । ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳର ନବବଧୂ ରାଣୀ ମହାରଣା (୨୨) ହତ୍ୟା ମାମଲାରେ ବାପଘର ଲୋକେ ଅଭିଯୁକ୍ତକୁ ପୋଲିସ ଜିମା ଦେଇଥିଲେ । ରାତିରେ ମୃତାଙ୍କ ବାପଘର ଲୋକେ ରାଣୀଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତରଖାନାରେ ରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହାପରେ ଅଭିଯୁକ୍ତ ସ୍ୱାମୀକୁ ଧରି ଏମ୍‌କେସିଜି ଫାଣ୍ଡି ପୋଲିସ ଜିମା ଦେଇଥିଲେ ବୋଲି ବାପଘର ଲୋକେ କହିଛନ୍ତି । କିନ୍ତୁ ରାତିରେ ପରିସ୍ରା ଯିବା ବାହାନାରେ ଅଭିଯୁକ୍ତ ଚମ୍ପଟ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି । ଅଭିଯୁକ୍ତକୁ ସେମାନଙ୍କ ଜିମା ଦିଆଯାଇନଥିବା ଏମ୍‌କେସିଜି ଫାଣ୍ଡି ପୋଲିସ କହୁଛି । ଏହି ଘଟଣାର ତଦନ୍ତ କରାଯିବ ବୋଲି ଗୋଳନ୍ଥରା ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି । ଗୋପାଳପୁର ଥାନା ଅଧୀନ ଆରୁଆପଲ୍ଲୀ ଗ୍ରାମର ରାଣୀଙ୍କୁ ବିବାହ ପରେ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ସୋମବାର ମଧ୍ୟାହ୍ନରେ ସ୍ୱାମୀ ଲକ୍ଷ୍ମୀ ପତ୍ନୀ ରାଣୀଙ୍କ ବାପଘର ଲୋକଙ୍କୁ ଫୋନ୍ କରି ଝିଅ ଆତ୍ମହତ୍ୟା କରିଥିବା ଜଣାଇଥିଲେ । ବାପଘର ଲୋକ ଆସି ପରିସ୍ଥିତି ଦେଖିବା ପରେ ତାଙ୍କ ଝିଅ (ରାଣୀ)ଙ୍କୁ ହତ୍ୟା କରାଯାଇଥିବା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା । ରାଣୀଙ୍କ ବାପଘର ଲୋକ କହିଛନ୍ତି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଝିଅକୁ ମୃତ ଘୋଷଣା ପରେ ରାଣୀଙ୍କ ସ୍ୱାମୀକୁ ଧରି ଏମ୍‌କେସିଜି ଫାଣ୍ଡି ଜିମା ଦିଆଯାଇଥିଲା । ମଙ୍ଗଳବାର ସକାଳୁ ଅଭିଯୁକ୍ତ ପୋଲିସ ହେପାଜତରେ ନଥିବା ଜାଣିବାକୁ ମିଳିଥିଲା । ବ୍ରହ୍ମପୁର ଏମ୍‌କେସିଜି ଫାଣ୍ଡିରେ କେହି ଅଭିଯୁକ୍ତ ନଥିବା ଶୁଣିଥିଲେ ବୋଲି ଆଇଆଇସି ଶ୍ରୀ ସ୍ୱାଇଁ କହିଛନ୍ତି । ପ୍ରତିବାଦରେ ରାଣୀଙ୍କ ବାପଘର ଲୋକେ ମଙ୍ଗଳବାର ବ୍ୟବଚ୍ଛେଦ ପରେ ଶବ ଆଣି ଗୋଳନ୍ଥରା ଥାନା ଆଗରେ ବିରୋଧ ପ୍ରଦର୍ଶନ କରିଥିଲେ । ଅଭିଯୁକ୍ତର ତୁରନ୍ତ ଗିରଫଦାରୀ ଦାବି କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୮।୭।୨୦୨୪, ଶ୍ରାବଣ ଦି୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୭।୨୭** **ଚନ୍ଦ୍ରୋଦୟ- ଦିଘ ୪।୪୯।୦୬**

**ଦ୍ୱାଦଶୀ**- ରାଘ ୮।୪୬ ପର୍ଯ୍ୟନ୍ତ, **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର**- ରାଘ ୩।୨୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୩।୨୪ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର**- ରାଘ ୩।୨୪ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ପୋଇ ରାଘ ୮।୪୬ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୧ ଗତେ ଘ ୭।୦୬ ମଧ୍ୟେ, ଦିଘ ୧୦।୩୪ ଗତେ ଘ ୧।୧୧ ମଧ୍ୟେ । **ପର୍ବୋତ୍ସବ** - ଶ୍ରୀକ୍ଷେତ୍ରେ ଅଧରପଣା ନୀତି, ଗରୁଡ଼ ଶୟନ ।



**ମେଷ:** ଶାରୀରିକ ପୀଡ଼ା ଅନୁଭବ କରିବେ । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ । ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ଗୃହରେ ଅଶାନ୍ତି ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବ । ଶୁଭ କାର୍ଯ୍ୟରେ ଯୋଗଦାନ କରିବେ ।



**ମିଥୁନ:** ମନ ସର୍ବଦା ଚଳଚଞ୍ଚଳ ରହିବ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ । ପାରିବାରିକ ଅବୁଝାମଣା ଦେଖାଦେବ । ଶତ୍ରୁମାନେ ପରାଜିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**କର୍କଟ:** କର୍ମକ୍ଷେତ୍ରରେ ମାନହାନି ସୂଚନା । ମନ ଚଞ୍ଚଳ ଯୋଗୁ କୌଣସି କାମରେ ସ୍ଥିରତା ଆସିବନାହିଁ । କଚେରି ମାମଲାରେ ସ୍ଥିତି ଅନୁକୂଳ ହେବ । ରୋଜଗାରରେ ଉନ୍ନତି ହେବ । ଶରୀର ସୁସ୍ଥ ରହିବ ।



**ସିଂହ:** ହଠାତ୍ କେତେକ ସମସ୍ୟା ଦେଖାଦେଇପାରେ । ଆପଣଙ୍କ ନିକଟରେ ଶାନ୍ତି ବଜାୟ ରହିବ । ଆୟର ପରିମାଣ ସ୍ଥିର ରହିବ । ବ୍ୟସ୍ତତା ଲାଗି ରହିବାର ସମ୍ଭାବନା । ଦେହ ଓ ମନ ଭଲ ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ସତ୍ କର୍ମରେ ଲିପ୍ତ ରହିବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ପରିଶ୍ରମ ତୁଳନାରେ ପାରିଶ୍ରମିକ ହେବନାହିଁ । ଗୃହେ ଶାନ୍ତି ଲାଭ ହେବ ।



**ତୁଳା:** କର୍ମକ୍ଷେତ୍ର ପାଇଁ ମନରେ ନୂତନ ଆଶାର ସଞ୍ଚାର ଆସିବ । ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ । ଲୋଭରେ ପଡ଼ିବେ । ଆୟରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବିଛା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ । ଦେହ ଭଲ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ମହିଳାମାନେ ସୁଖୀ ହେବେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**ମକର:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଦୁଃସାହସିକ କାର୍ଯ୍ୟ କରିବେ । ବନ୍ଧୁମାନେ ଦୂରେଇ ଯିବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଗୃହରେ ଆନନ୍ଦ ବଜାୟ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ଶୁଭ ଖବର ପ୍ରାପ୍ତ ହେବ । ସମସ୍ତ କ୍ଷେତ୍ରରେ ବିଜୟୀ ହେବେ । ପାରିବାରିକ ସୁଖ ସମ୍ମାନ ଲାଭ କରିବେ । ରୋଜଗାର ବୃଦ୍ଧି ହେବାର ସୂଚନା ।



**ମୀନ:** ଚାକିରୀ କ୍ଷେତ୍ରରେ କାର୍ଯ୍ୟ ସଫଳ ହେବ । ଦେହ ସୁସ୍ଥ ରହିବ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୯।୭।୨୦୨୪, ଶ୍ରାବଣ ଦି୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୭।୪୯** **ଚନ୍ଦ୍ରୋଦୟ- ଦିଘ ୪।୪୯।୧୬**

**ତ୍ରୟୋଦଶୀ**- ରାଘ ୭।୪୨ ପର୍ଯ୍ୟନ୍ତ, **ମୂଳା ନକ୍ଷତ୍ର** - ରାଘ ୨।୫୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର**- ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବାଇଗଣ ରାଘ ୭।୪୨ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୨ ଗତେ ଘ ୬।୧୪ ମଧ୍ୟେ, ଦିଘ ୧୨।୧୯ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ** - ନୀଳାଦ୍ରି ବିଜେ, ଶିବ ଶୟନ ।





ଲଳିତ ମୋହନ ମିଶ୍ର



# ଜହ୍ନ ଖେଳନାରେ ଖୁସି

ଜଣେ ରାଜା ଥିଲେ, ତାଙ୍କର ଗୋଟିଏ ଛୋଟ ଝିଅ ଥିଲା । ରାଜା ଝିଅକୁ ବହୁତ ଭଲ ପାଉଥିଲେ । ଦିନେ ରାଜକୁମାରୀ ହଠାତ୍ ଅସୁସ୍ଥ ହୋଇପଡ଼ିଲେ । ରାଜା ଅନେକ ଚିକିତ୍ସକଙ୍କୁ ଡାକିଲେ, କିନ୍ତୁ କେହି ହେଲେ ମଧ୍ୟ ରାଜକୁମାରୀଙ୍କର ସଠିକ୍ ଚିକିତ୍ସା କରିପାରିଲେନାହିଁ । କାରଣ ତାଙ୍କର ଅସୁସ୍ଥତା ଠିକ୍‌ରେ କେହିହେଲେ ଜାଣିପାରିନଥିଲେ । ଦିନେ ରାଜା ଦୁଃଖିତ ହୋଇ ରାଜକୁମାରୀଙ୍କୁ କହିଲେ, କ'ଣ କରିବା ? ତୁମକୁ ଭଲ କରିବା ପାଇଁ.... ମୁଁ ସବୁକିଛି । କରିବାକୁ ପ୍ରସ୍ତୁତ ଅଛି । ଏକଥା ଶୁଣି ରାଜକୁମାରୀ କହିଲେ, ମୋ ପାଇଁ ଆକାଶରୁ ଜହ୍ନ ଆଣି ଦେବ କି ? ଯଦି ମୁଁ ଜହ୍ନଙ୍କ ସହିତ ଖେଳିବି, ତେବେ ମୋର ସ୍ୱାସ୍ଥ୍ୟ ଭଲ ହୋଇଯିବ । ଏହା ଶୁଣି ରାଜା ଖୁସି ହୋଇ କହିଲେ, ଠିକ୍ ଅଛି । ମୁଁ ତୁମ ପାଇଁ ଜହ୍ନ ଆଣିବାର ବ୍ୟବସ୍ଥା କରୁଛି ।

ରାଜାଙ୍କ ଦରବାରରେ ଅନେକ ଯୋଗ୍ୟ ବ୍ୟକ୍ତି ଥିଲେ । ପ୍ରଥମେ ସେ ପ୍ରଧାନମନ୍ତ୍ରୀଙ୍କୁ ଧୀରେ କହିଲେ, ଝିଅ ଖେଳିବା ପାଇଁ ଆକାଶର ଜହ୍ନ ଦରକାର । ଆସନ୍ତାକାଲି ରାତି ସୁଦ୍ଧା ଜହ୍ନ ଆସିବା ଦରକାର । ଆଶ୍ଚର୍ଯ୍ୟ ହୋଇ କହିଲେ ପ୍ରଧାନମନ୍ତ୍ରୀ ! ଜହ୍ନ... ? ତାଙ୍କ କପାଳରୁ ଝାଳ ବୋହିବାରେ ଲାଗିଲା । ପ୍ରଧାନମନ୍ତ୍ରୀ କହିଲେ, ଜହ୍ନ ଆଣିବା ବହୁତ କଷ୍ଟ । ରାଜା ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ରାଜ ଦରବାରରୁ ବହିଷ୍କାର କଲେ । ଏହାପରେ ସେନାପତିଙ୍କୁ ଡକାଇଲେ । ସେନାପତିଙ୍କ ଆଗମନ ପରେ ରାଜା ମଧ୍ୟ ତାଙ୍କୁ ଜହ୍ନ ଆଣିବାକୁ ନିର୍ଦ୍ଦେଶ ଦେଲେ । ସେନାପତି ଜହ୍ନ ଆଣିବାକୁ ଅସମର୍ଥତା ପ୍ରକାଶ କରିଥିଲେ । ସେନାପତି ଯୁକ୍ତି କରିଥିଲେ ଯେ କେହିହେଲେ ଜହ୍ନକୁ ଆଣିପାରିବେ ନାହିଁ । ଏହା ଭୂପୃଷ୍ଠରୁ ଦଶଲକ୍ଷ ମାଇଲ୍ ଦୂରରେ ଅବସ୍ଥିତ । ରାଜା ସେନାପତିଙ୍କୁ ମଧ୍ୟ ବହିଷ୍କାର କଲେ । କୋଷାଧ୍ୟକ୍ଷଙ୍କୁ ଡାକି କହିଲେ, ସେ ମଧ୍ୟ ରାଜକୁମାରୀଙ୍କ ପାଇଁ ଜହ୍ନ ଆଣିବାରେ ଅସମର୍ଥତା ପ୍ରକାଶ କରିଥିଲେ । ଏଠାରୁ ସମସ୍ତେ ବାହାରି ଯାଅ ବୋଲି, ରାଜା ଚିତ୍କାର କଲେ । ଶେଷରେ ରାଜା ଏକ ଜୋକରକୁ ରାଜ ଦରବାରକୁ ଡକାଇଲେ । ଜୋକର ଆସି ରାଜାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରି କହିଲା, ମହାରାଜ ! ଆପଣ ମୋତେ ମନେ ପକାଇଲେ ! କି ଆଦେଶ ଦେବେ ଦିଅନ୍ତୁ ? ରାଜା କହିଲେ, ମୋର ଝିଅ ପାଇଁ ଆପଣ ଜହ୍ନ ଆଣିପାରିବେ କି ? ଜୋକର କହିଲେ- ହଁ... ନିଶ୍ଚିତ । କାହିଁକି ଆଣି ପାରିବି ନାହିଁ । କିନ୍ତୁ ପ୍ରଥମେ ମୋତେ ରାଜକୁମାରୀଙ୍କ ସହିତ ମିଶାଇ ଦିଅନ୍ତୁ । ସେ ଯେତେ ବଡ଼ ଜହ୍ନ ଇଚ୍ଛା କରିବେ, ମୁଁ ଆଣିଦେବି ଏବଂ ମୁଁ ନିଜେ ଯାଇ ତାଙ୍କୁ ପଚାରିବି । ଜୋକର ସିଧା ରାଜକୁମାରୀଙ୍କ କୋଠରୀ ଭିତରକୁ ଗଲା । ରାଜକୁମାରୀ ଜୋକରକୁ ଦେଖି ପଚାରିଲା ଜହ୍ନ ଆଣିଲ ? ଜୋକର କହିଲା, ମୁଁ ଶୀଘ୍ର ଆଣିଦେବି । କିନ୍ତୁ ପ୍ରଥମେ ମୋତେ କୁହନ୍ତୁ, କେତେ ବଡ଼ ଜହ୍ନର ଆବଶ୍ୟକତା ରହିଛି । ରାଜକୁମାରୀ କହିଲେ ଯେ, ମୋ ଆଙ୍ଗୁଠିର ନଖ ସମାନ । କାରଣ ଯେତେବେଳେ ମୁଁ ଆଙ୍ଗୁଠିର ନଖକୁ ଆଖି ସାମ୍ନାରେ ଦେଖୁଥାଏ ଲାଗେ ଜହ୍ନ । ଆଚ୍ଛା, ଆଉ ଗୋଟିଏ କଥା ମୋତେ କୁହନ୍ତୁ ଜହ୍ନ କେଉଁଥିରେ ନିର୍ମିତ ଏବଂ ଏହାର ଉଚ୍ଚତା କେତେ ? ଜହ୍ନ ସୁନାରେ ନିର୍ମିତ । ଏକ ଗଛର ଉଚ୍ଚତା ସହିତ ସମାନ ବୋଲି ରାଜକୁମାରୀ କହିଲେ । ଠିକ୍ ଅଛି, ଆଜି ରାତିରେ ମୁଁ ଗଛରେ ଚଢ଼ି ଜହ୍ନକୁ ତଳକୁ ଆଣିବି । ଜୋକର ଏହା କହି ରାଜାଙ୍କ ପାଖକୁ ଗଲା ଏବଂ ସେ ରାଜାଙ୍କୁ ସମସ୍ତ ବିଷୟରେ ଅବଗତ କରାଇଲା । ମୁଁ ଆସନ୍ତାକାଲି ରାଜକୁମାରୀଙ୍କ ପାଇଁ ଜହ୍ନ ଖେଳନା ଆଣିବି ଏବଂ ସେ ରାଜାଙ୍କୁ ନିଜର ଯୋଜନା ବିଷୟରେ କହିଲା । ରାଜା ଏହି ଯୋଜନା ଶୁଣି ବହୁତ ଖୁସି ହେଲେ । ପରଦିନ ଜୋକର ସୁନାକାରଙ୍କ ଠାରୁ ନିର୍ମିତ ଏକ ସୁବର୍ଣ୍ଣ ଜହ୍ନ ଆଣିଲା । ସେ ରାଜକୁମାରୀଙ୍କୁ ଜହ୍ନ ଦେଖାଇଲା । ରାଜକୁମାରୀ ଜହ୍ନ ଦେଖି ବହୁତ ଖୁସି ହେଲେ ଏବଂ ସେ ଜହ୍ନକୁ ଏକ ଚେନ୍‌ରେ ବାନ୍ଧି ନିଜ ବେକରେ ଝୁଲାଇଲେ । ସେ ଏଥର ଧିରେ ଧିରେ ସୁସ୍ଥ ହେବାରେ ଲାଗିଲେ । କିନ୍ତୁ ରାଜା ଚିନ୍ତାରେ ପଡ଼ିଗଲେ ଯେ, ଝରକା ଦେଇ ଦେଖା ଯାଉଥିବା ଜହ୍ନକୁ ଦେଖି ରାଜକୁମାରୀ କ'ଣ କହିବେ । ସେ ଭାବିବେ ଯେ... ବାପା ତାଙ୍କୁ ମିଥ୍ୟା ପ୍ରତାରଣା କରିଛନ୍ତି । ରାତିରେ ଜହ୍ନ ବାହାରିବା ପରେ ରାଜକୁମାରୀ ଜହ୍ନକୁ ଦେଖିଲେ । ରାଜା ଓ ଜୋକର ତାଙ୍କ କୋଠରୀରେ ଠିଆ ହୋଇଥିଲେ । ଜୋକର ରାଜକୁମାରୀଙ୍କୁ ପଚାରିଲା- ଆଚ୍ଛା, ରାଜକୁମାରୀ ! ମୋତେ କୁହନ୍ତୁ... ଯେତେବେଳେ ଜହ୍ନ ଆପଣଙ୍କ ବେକରେ ଝୁଲୁଛି, ସେତେବେଳେ ଏହା ଆକାଶରେ କେମିତି ସମ୍ଭବ ? ରାଜକୁମାରୀ ହସି କହିଲେ, ତୁମେ ଗୋଟିଏ ମୂର୍ଖ.... ଯେମିତି ମୋ ଦାନ୍ତଟି ଭାଙ୍ଗିଗଲା... କିଛିଦିନ ପରେ ଆଉ ଏକ ଦାନ୍ତ ଉଠିଲା ଠିକ୍ ସେହିପରି ମୁଁ ସେହି ଜହ୍ନକୁ ଆଣି ବେକରେ ଝୁଲାଇଲି । ତେଣୁ ସେଠାରେ ଆଉ ଏକ ଜହ୍ନ ବାହାରି ଆସିଲେ । ଏହା ଶୁଣି ରାଜା ଆଶ୍ୱସ୍ତିର ନିଶ୍ୱାସ ନେଲେ । ରାଜକୁମାରୀଙ୍କ ସେହି ଖେଳନା ସହ ହସ ଖୁସିରେ ଖେଳିଲେ ନାଚିଲେ ଡେଇଁଲେ....

*ଅରବିନ୍ଦ ନଗର, ନୟାଗଡ଼*
*ମୋ- ୯୪୩୭୯୮୫୮୬୬*



## ବାହୁଡ଼ା ଯାତ୍ରା

*କୀର୍ତ୍ତନ ସାହୁ*

ଗୁଣ୍ଡିଚା ମନ୍ଦିରେ ରହିଛ
ସାତ ଦିନଟି ପାଇଁ
ଭକତେ ଲଭିବେ ଆନନ୍ଦ
ତମ ଦର୍ଶନ ପାଇ

ମାଉସୀ ମା ପାଖେ ଅଟକି
ପୋଡ଼ ପିଠାକୁ ଖାଇ
ଦରଶନ ତାଙ୍କୁ ଦେବରେ
ଖୁସି ହେବେ ସେ ପାଇ

ଆଶିଷର ବାରି ସିଞ୍ଚୁଛ
ଭକ୍ତ ମଥାର ପରେ
ଶ୍ରଦ୍ଧା ପ୍ରେମ ପ୍ରୀତି ଶାନ୍ତିରେ
ତାଙ୍କ ହୃଦୟ ଭରେ

ଶ୍ରୀମନ୍ଦିର ମୁଖେ ଚଳିବ
ଭକତେ ଚାହିଁ ଥିବେ
ପାପ ତାପ ତାଙ୍କ ନାଶିବ
ଶାନ୍ତିରେ ଫେରି ଯିବେ

ନଅ ଦିନେ ହେବ ବାହୁଡ଼ା
ଯାତ୍ରା ଆରମ୍ଭ ପରା
ରଥରେ ଜଗା ଦରଶନେ
ହସି ଉଠିବ ଧରା

ଏମିତି ଠାକୁର ଜଗତେ
ଆଉ ଅଛି ବା କାହିଁ
ରଥେ ଦରଶନ ପାଇଲେ
ଦୁଃଖୀ ଦୁଃଖ ତା ଯାଇ ।

*ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

## ପାଞ୍ଚ କୋଟି ଗଛ ଲଗାଇ ଦେବା

*ସୁରମା ମିଶ୍ର*



ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି
ପାଞ୍ଚ କୋଟି ଗଛ ଲଗାଇ
ସାରା ରାଇଜରେ ସବୁଜ ବନାନୀ
ସୃଷ୍ଟି କରାଇବା ପାଇଁ

କେତେ ଭଲ ହେବ ଆମ ପରିବେଶ
ଶାନ୍ତିରେ ରହିବା ଆମେ
ଆସ ପିଲାମାନେ ଆଗେଇ ଆସରେ
ମନଦେବା ଏହି କାମେ

ଛାତ୍ର ଛାତ୍ରୀ ମାନେ ଆଗଭର ହୋଇ
ବିଦ୍ୟାଳୟେ ଗଛ ଲଗାଇ
ସବୁଜ ସୁନ୍ଦର କରିବାରେ ଆମେ
ଆମ ମନପ୍ରାଣ ଦେଇ

ମାଆଟି ଯେପରି ପିଲାକୁ ବଢ଼ାଏ
ସଦା ତାର ଯତ୍ନ ନେଇ
ଆମେ ସେହିପରି ଗଛକୁ ପାଳିବା
ହେଳା ଯେ କରିବା ନାହିଁ

ପ୍ରଭୁ ରାମଚନ୍ଦ୍ର ସମୁଦ୍ର ବକ୍ଷରେ
ବାନ୍ଧୁଥିଲେ ସେତୁ ବନ୍ଧ
ଗୁଣ୍ଡୁଚି ମୂଷାଟି ସାହାଯ୍ୟ କରିଲା
ହୋଇ ବହୁତ ଆନନ୍ଦ

ସେହିପରି ଆମେ ସାହାଯ୍ୟ କରିବା
ଏପରି ମହତ କାମେ
ଛୋଟପିଲା ବୋଲି ହାରି ଯିବା ନାହିଁ
ଦୃଢ଼ତା ରଖିବା ମନେ

ପରିବେଶ ଆମ ସ୍ୱଚ୍ଛ ରହିଲେରେ
ଆମେ ତ ସୁସ୍ଥ ରହିବା
ସଚେତନ ହୋଇ ଘରେ ଘରେ ଯାଇ
ସଭିଙ୍କୁ ବାରତା ଦେବା

ଠିକ୍ ସମୟରେ ବରଷା ହୋଇବ
ହସିବ ଧରଣୀ ମାଆ
ପ୍ରାକୃତିକ ବିପର୍ଯ୍ୟୟ ହେବ ନାହିଁ
ବହିବ ଶୀତଳ ବାଆ ।

*ବି ଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*



## ଘୋଷ ଯାତ ଶେଷେ ନିଳାଦ୍ରୀ ବିଜେ

*ପ୍ରଫୁଲ୍ଲ କୁମାର ସାହୁ*

ଘୋଷ ଯାତ ସାରି ନିଳାଦ୍ରୀ ବିଜୟ
କରନ୍ତି ଶ୍ରୀ ଜଗନ୍ନାଥ,
ଗୋଟି ପହଣ୍ଡିରେ ଯାଆନ୍ତି ମନ୍ଦିର
(ଦେଖି) ପବିତ୍ର ହୁଅଇ ନେତ୍ର । ୧

ସିଂହଦ୍ୱାରେ ଥାଇ ମାତା ମହାଲକ୍ଷ୍ମୀ
ମନେ ବହି ମହାରୋଷ,
ପଥ ଓଗାଳନ୍ତି ଜଗନ୍ନାଥଙ୍କର
ଅତି ମନୋହର ଦୃଶ୍ୟ । ୨

ମନ ଭୁଲା କଥା କହି ମହାପ୍ରଭୁ
ରକ୍ଷାକରି ତାଙ୍କ ମାନ,
ରସଗୋଲା ଦେଇ ମିଠା ବଚନରେ
କରନ୍ତି ମାନ ଭଞ୍ଜନ । ୩

ସେବାୟତ ମେଳେ ଶ୍ରୀମନ୍ଦିର ଯାଇ
ରତନ ବେଦୀରେ ବସି,
ପ୍ରଭୁ ଜଗନ୍ନାଥ ଦିଅନ୍ତି ଦର୍ଶନ
ଦେଖି ଭକ୍ତ ମନ ଖୁସି । ୪

ନିଳାଦ୍ରୀ ଅବଢ଼ା ପାଇବେ ଭକତ
ସରବେ ଥିଲେଟି ଚାହିଁ,
ମନୋବାଞ୍ଛା ହେବ ସଭିଙ୍କ ପୂରଣ
ଆନନ୍ଦ ବଜାର ଯାଇ । ୫

ଆସ ଆସ ମିତ ଆସରେ ସଙ୍ଗାତ
ଶ୍ରୀକ୍ଷେତ୍ର ଧାମକୁ ଯିବା,
ଶ୍ରୀ ମନ୍ଦିରେ ଦେଖି ଶ୍ରୀ ଜଗନ୍ନାଥଙ୍କୁ
ନେତ୍ର ପବିତ୍ର କରିବା । ୬

ଧନ୍ୟ ସେ ଶ୍ରୀକ୍ଷେତ୍ର ପୂଣ୍ୟ ନୀଳାଚଳ
ଧନ୍ୟ ଧନ୍ୟ ମହାବାହୁ,
ରତ୍ନ ସିଂହାସନେ ତୋର ଦରଶନେ
ଭକ୍ତ ଦୁଃଖ ଦୂର ହେଉ । ୭

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଲିପଡା, ମାହାଙ୍ଗା, କଟକ-୭୫୪୨୦୭*
*ମୋ- ୬୭୦୯୦୪୩୮୩*

## ମାଆ ଲକ୍ଷ୍ମୀ ହୋଇଲେ ତୋଷ

*ସୁଧାକର ରାଉତ*





ଭାଇ ଭଉଣୀଙ୍କୁ ସଙ୍ଗତରେ ନେଇ
ଗଲତ ରତନ ବେଦୀ
ମାଆ ଲକ୍ଷ୍ମୀଙ୍କ ତୁମ ପ୍ରତି ସେନେହକୁ
ନ ଦେଖିଲ ଆଖି ମୁଦି

କି ଦୋଷ ତୁମର କଲେ ହେ ଠାକୁର
ଥରେ ଖୋଲିକରି କୁହ
କାହିଁକି ବିଚାରୀ ତୁମ ଅବିଚାରେ
ଗଡାଉଛନ୍ତି ସେ ଲୁହ

ଶ୍ରୀମନ୍ଦିର ଆଜି ଶୂନ୍ୟ ଶୂନ୍ୟ ଲାଗେ
ତୁଟି ଯାଇଛି ତା ଶିରୀ

ଲକ୍ଷ୍ମୀ ମାଆ ବସି ଗୁମୁରି କାନ୍ଦନ୍ତି
ଏ କି କଷ୍ଟ ଦେଲ ହରି

ତାଙ୍କୁ ଅଣଦେଖା କରିବାର ଫଳ
ଭୋଗ କଥା ଗଲ ଭୁଲି
ଦ୍ୱାର ଦ୍ୱାର ବୁଲି ଭିକ୍ଷା ବୃତ୍ତି କଲ
ଜଳିଲାନି ତୁମ ଚୂଲି

ବ୍ରହ୍ମାଣ୍ଡ ଠାକୁର ହୋଇଣ ଜଗତେ
ଦିଅଏ କିପରି ଶିକ୍ଷା
ନିଜ ସ୍ତିରୀଟାକୁ ଉପେକ୍ଷା କରିଲେ
କିଏ ବା କରିବ ରକ୍ଷା

ସହିବା ଶକତି ଟପିଗଲା ସୀମା
ଦେଖିଛତ ତାଙ୍କ ରୂପ
ହେରା ପଞ୍ଚମୀରେ ନନ୍ଦିଘୋଷ ଭାଙ୍ଗି
ଶାନ୍ତ କରିଥିଲେ କୋପ

ଏବେ ଶ୍ରୀମନ୍ଦିର ପ୍ରବେଶ ପଥରେ
ଓଗାଳନ୍ତି ମାଆ ପଥ
କି କରିବେ ବୋଲି ବୁଦ୍ଧି ନ ଦିଶଇ
ଭାଳନ୍ତି ଜଗତ ନାଥ

ରାଗେ ଗରଗର ହୋଇ ମହାଲକ୍ଷ୍ମୀ
କହନ୍ତି ଯେ କଟୁକଥା
ସହନ୍ତି ଠାକୁର ମୃଦୁ ହସ ହସି
ଦେଲେ ବି ହୃଦକୁ ବ୍ୟଥା

ଭାବଗ୍ରାହୀ ମାନ ଭାଙ୍ଗିବା ପାଇଁକି
ରସଗୋଲା ଦ୍ୟନ୍ତି ଖୋଇ
ଅଭିମାନ ମାଆଙ୍କ ହଜିଯାଏ କାହିଁ
ଯାଆନ୍ତି ସେ ତୋଷ ହୋଇ

ଚତୁର୍ଦ୍ଦଶୀ ତିଥିରେ ଶିରୀମନ୍ଦିରେ
ହୋଇଥାଏ ଏହି ଲୀଳା
ନୀଳାଚଳ ଧାମେ ନିତି ଚକାଡୋଳା
କରୁଥାଅ କେତେ ଖେଳା ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୨୨୭୯୨*



## ଏ ପାଇଁ ଟିକେ ଧିଆନ ଦେବ

*ନୀଳମଣି ଚନ୍ଦ*

ଫୁଲକୁଣ୍ଡରେ ପୁରୁଣା ପାଣି
ରଖିବା ନାହିଁ ରଖିବା ନାହିଁ
ଭଙ୍ଗାଟିଣରେ ଥିଲେରେ ପାଣି
ଢାଳି ଦେବାରେ ତା'ପାଖେ ଧାଇଁ

ଅଦରକାରୀ ଗାଡ଼ି ଟାୟାର
ବାଡ଼ି ପଟରେ ପଡ଼ିକି ଥାଏ
ଜମିଛି ପାଣି ନଜର କା'ର
କେବେ ତେଣିକି ସତେ ନ ଯାଏ

ଖରା ଦିନଟା କୁଆଡ଼େ ଗଲା
ଏବେ ବରଷା ଦେଲାଣି ଝାଡ଼ି
ସେ ପାଣି ପାଖେ ଅଣ୍ଡା ଦେବାକୁ
ମଶା ମାନେରେ ଆସିବେ ମାଡ଼ି

ହୁ ହୁ ବଢେ ମଶାଙ୍କ ବଂଶ
ବିପଦ ସିଏ ସଭିଙ୍କ ପାଇଁ
ପଢ଼ାବହିର ନିଧି ବୁଢ଼ାର
ଗୀତଟି ମନେ ଅଛି ନା ନାହିଁ

ମଶା ହଟିଲେ ମ୍ୟାଲେରିଆ
ଡେଙ୍ଗୁ ରୋଗ ଦୂରଟି ହେବ
ସରିତା, ସାନୁ, ସମୀର, ସୁର
ଏ ପାଇଁ ଟିକେ ଧିଆନ ଦେବ ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

## ବରଷା ହେଲାଣି ଝିପିଝିପି

*ନଳିନୀ ଦାଶ*



ବରଷା ହେଲାଣି ଝିପିଝିପି
ଖେଳିଲାଣି ଯାଇ ଆମ ଲିପି
ଡାକିଲେଣି ମାଆ କାନ ଧରି ଆ
ଆସିଲାଣି ପାଦ ଚିପିଚିପି
ଚାଲୁଥିଲା ହୋଇ ଢପଢପ
ପାଣି କାଦୁଅରେ ଚପଚପ
ଖସିଗଲା ଗୋଡ଼ ତଳେ ପଡ଼ିଗଲା
ହାତ ଗୋଡ ହେଲା କପକପ
ଚାଳ ପାଣି ପଡେ ଟପଟପ
ଟିଣ ପାଣି ଶୁଭେ ଠପଠପ
ବରଷାରେ ଭିଜି ବେଙ୍ଗୁଲି ରାଣିଟା
ଡେଇଁଲାଣି ଆସି ଖପଖପ
ଚଷୀଭାଇ ମୁହଁ ହସହସ
କ୍ଷେତରେ କଲାଣି ଧାନ ଚଷ
ଝଡି ବରଷାକୁ ଖାତିରି ନକରି
କ୍ଷେତେ ନେଲା ହଳଲଙ୍ଗଳ ଇଶ
ପଢିବାକୁ ମୁନା ତରତର
ବରଷାରେ ହେଲା ହରବର
ପାଣିରେ ଭିଜି ସେ ହେଲା ଥରଥର
କାଦୁଅ ଛିଟାରେ ସରସର
ସାଧବ ବୋହୂଟି ଥିରିଥିରି
ବରଷାରେ ଯାଏ ସେ ବାହାରି
କୁନି ଆଣିଲାଣି ଟିକି ହାତେ ଧରି
ଦେଖି ହସୁଅଛି କିରିକିରି
ଟିକିଝିଅ ଝିଲି ମିଲି ଆସି
କାଗଜ ଡ଼ଙ୍ଗାଟେ କଲେ ବସି
ଓଳି ତଳେ ବର୍ଷା ପାଣିରେ ଛାଡ଼ିଲେ
ସାଗରେ ମିଶିବୁ ଯାଆ ଭାଷି
ପିଲାମାନେ ଛତା ନେଉଥିବ
ପାଦ ଚିପି ଚିପି ଯାଉଥିବ
ଭିଜିବନି ଜମା ବରଷା ପାଣିରେ
ଜର ଥଣ୍ଡା କାଶ ଧରିଦେବ
ବର୍ଷା ଆମ ଉପକାର କରେ
ଧରାରେ ଜଳ ସଂପଦ ଭରେ
ଗଛ ଲତା ମିତ କରନ୍ତି ସେ ହିତ
ସବୁଜ ସୁନ୍ଦରେ ମନ ହରେ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ- ୯୨୩୮୯୯୬୬୪୯*

## ତିରିଶି ଜିଲ୍ଲାକୁ ଖୋଜ

*ସୁରେଶ କୁମାର ଜେନା*



କେଁ କଟକଟ ଗଡ଼ିଯାଏ ରଥ
ପଣ୍ଡାଏ ଦିଅନ୍ତି ରାୟ
ବେଗେ ବେଗେ ଟାଣ ରଥ ଦଉଡ଼ିକୁ
ରଥୀ ହୁଏ ଅନୁନୟ

ରହିଥା ମାଆ ଲୋ ବଡ଼ ଦାଣ୍ଡେ ଭିଡ଼
ଛଡ଼ାଇ ନେ'ଏ ନା କାନି
ଆମ କୁନା ଚାଲେ ଶରଧା ବାଲିରେ
ଜେଜି ମାଆ ବୋଲ ମାନି

ପାଟ ମହାରାଣୀ ରଥରେ ପକାନ୍ତି
କାଚ କେନ୍ଦୁ ନଦୀ ପାଣି
ସୁବର୍ଣ୍ଣ ପହଁରା ଗଜପତି ହାତେ
ସେବକର ନୂଆ ଠାଣି

ଆଗେ ବଳଦେବ ଏ ସଂସାର ବର
ତାଳଧ୍ୱଜ ରଥ ଦିଶେ
ଜନନୀ ସୁଭଦ୍ରା ଦର୍ପଦଳନରେ
ଝାର ଫୁଲ ମାଳ ବେଶେ

ମୟୂର ଚୁଳିଆ ଜଗତର କେନ୍ଦ୍ର
ହସି ହସି ପଛେ ଆସେ
ନନ୍ଦିଘୋଷେ ଚଢି ସୁନ୍ଦର ଦିଶୁଛି
ନବ ଗୁଞ୍ଜାର ବେଶେ

କ୍ଷୀର ସର ପୁରୀ ଦହି ଛେନା କୋରା
ମାଲପୁଆ ନାହିଁ ଲୋଡ଼ା
ଡାଲମା ସାଥିରେ ଡିଙ୍କି କୁଟା ପୋଷେ
ଅରୁଆ ଭୋଗ ଅବଢ଼ା

ଭକତି ଯେତିକି ସମ୍ବଳ ସେତିକି
ନାହିଁ ଛୋଟ ବଡ଼ ଭେଦ
ତାହାରି ପ୍ରସାଦେ ଆମ ରାଇଜରେ
ନ ଘୋଟୁ କଳା ବଉଦ

ସୁରୁଜ ବୁଡ଼ିଲେ ବରୁଣେଇ ତଳେ
ଖୁରୁଧାରେ ହେଲା ସଞ୍ଜ
ମାଆ କହେ କୁନା ଉପର ଧାଡ଼ିରେ
ତିରିଶି ଜିଲ୍ଲାକୁ ଖୋଜ ।

*କେନ୍ଦୁଝର*

ସୂଚନା- କବିତାରେ ଜିଲ୍ଲା ଗୁଡିକର ପୁରା ନାମ ପାଇବା ନାହିଁ
ପ୍ରତ୍ୟେକ ଜିଲ୍ଲାର ନାମ ଭଳି କେତେକ ଶବ୍ଦ ପାଇବା
( ଯଥା- ଅନୁନୟ- ଅନୁ- ଅନୁଗୁଳ , ନୟ- ନୟାଗଡ଼)

## ଆସିଲା ବରଷା

*କୁଞ୍ଜବିହାରୀ ସାହୁ*

ଦିଶିଲାଣି ଆକାଶରେ କଳାକଳା ମେଘ
ବଢିଲାଣି ପବନର ସୁ..ସୁ..ବେଗ
ଗଛପତ୍ର ଦୋହଲିଲା ଲାଗିଗଲା ଡର
ଗାଈଗୋରୁ ଡରିମରି ପଳେଇଲେ ଘର
ପଡିଲାଣି ବଉଦରୁ ଟୋପା ଟୋପା ପାଣି
ଖାଲ-ଖମା ପୂରିଗଲା ହେଉନାହିଁ ଜାଣି
ଓଦାହେଲା ଘରଛାତ, ବାଟଘାଟ, ବୁଦା,
ତରବରେ ମାରି ଆଉ ହେଉନାହିଁ କୁଦା
ନିଗିଡ଼ିଲା ଛାତ ତଳୁ ଧାରଧାର ପାଣି
ଦାଣ୍ଡ ଧାରେ ବହିଗଲା କାଠି-କୁଟା ଆଣି
ଠାଏ ଠାଏ ଘଡ଼ଘଡ଼ି ମାରିଦେଲା ବୋଲି
କୁନାକୁନି ଆସିଲେନି ଦୁଆରକୁ ଖୋଲି
ବରଷାରେ ତିନ୍ତିଗଲେ ହେବ ସର୍ଦ୍ଦି-କାଶ,
କେ କୁଆଡ଼େ ଯାଅନାହିଁ ଘରେ ଥିରି ବସ ।

*ପ୍ଲଟ୍ ନଂ- ୨୬ /୨୫୧୧ /୨୬୧୧, ପାତ୍ରପଡା, ଭୁବନେଶ୍ୱର*
*ମୋ- ୭୦୦୮୧ ୪୨୦୪୦*



# ଧୋନୀ-କୋହଲି ମୋ କ୍ୟାରିୟର୍ ବରବାଦ କରିଦେଇଛନ୍ତି : ଅମିତ୍ ମିଶ୍ର



**ନୂଆଦିଲ୍ଲୀ**

ଭାରତର ଭେଟେରାନ ସ୍ପିନର ଅମିତ ମିଶ୍ର ମହେନ୍ଦ୍ର ସିଂ ଧୋନୀ ଏବଂ କୋହଲିଙ୍କ ବିଷୟରେ ଏକ ବଡ଼ ଖୁଲାସା କରିଛନ୍ତି । ଏକ ସାକ୍ଷାତ୍‌କାରରେ ଲେଗ୍ ସ୍ପିନର ଅମିତ ମିଶ୍ର କହିଛନ୍ତି, ଦଳ ଚୟନରେ କେବଳ ଖେଳିବା କ୍ଷମତା ନୁହେଁ ବରଂ ସମ୍ଭାବନାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଏ । କ୍ରିକେଟ ପିଚ୍‌ରେ କେବଳ ଭଲ ପ୍ରଦର୍ଶନ କରିବା ପର୍ଯ୍ୟାପ୍ତ ନୁହେଁ, ଅଧିନାୟକଙ୍କ ପସନ୍ଦ ଉପରେ ନିର୍ଭର କରେ । ଧୋନୀ ଏବଂ କୋହଲିଙ୍କ ଯୋଗୁ ମୋ କ୍ୟାରିୟର ବରବାଦ ହୋଇଯାଇଛି ବୋଲି ସେ କହିଛନ୍ତି ।

ଅମିତ କହିଛନ୍ତି, ଏମ୍‌ଏସ୍ ଧୋନୀଙ୍କ ସହ ମୋର ଭଲ ସମ୍ପର୍କ ଥିଲା, କିନ୍ତୁ ଦଳରେ ମୋତେ ମନୋନୀତ କରାଯାଉ ନ ଥିଲା । ମୁଁ ଦୁଇଥର ପଚାରିଲି ମୋତେ କାହିଁକି ମନୋନୀତ କରାଯାଉ ନାହିଁ, ମୋତେ କୁହାଗଲା ଯେ ମୋତେ ବିଶ୍ରାମ ଦିଆଯିବ । ସେ ପର୍ଯ୍ୟନ୍ତ ମୁଁ ବିରତି ପାଇଁ ମଧ୍ୟ ଅନୁରୋଧ କରି ନ ଥିଲି । ତେଣୁ ମୁଁ ବିରତି ମାଗିବାର କୌଣସି କାରଣ ପାଇ ନ ଥିଲି । ସତ କହିବାକୁ ଗଲେ ମୁଁ ଧୋନିଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ସ୍ଥିତିରେ ନ ଥିଲି । ମୁଁ କୋଚ୍‌ଙ୍କୁ ପଚାରିଥିଲି, ଯିଏ ମୋତେ ଧୋନୀଙ୍କ ସହ ସିଧାସଳଖ କଥା ହେବାକୁ କହିଥିଲେ, କିନ୍ତୁ ମୁଁ ଅନୁଭବ କଲି ଯେ ମୁଁ ଏହା କରିପାରିବି ନାହିଁ ।

ଏହା ବ୍ୟତୀତ ଅମିତ ମିଶ୍ର ବିରାଟ କୋହଲିଙ୍କ ବିଷୟରେ ମଧ୍ୟ କହିଛନ୍ତି, ଆଇପିଏଲରେ ଆରସିବି ପକ୍ଷରୁ ଖେଳୁଥିବା ସମୟରେ ମୁଁ ମୋର କ୍ୟାରିୟର ବିଷୟରେ ଦଳ ପରିଚାଳନା ଠାରୁ ସ୍ପଷ୍ଟୀକରଣ ମାଗିଥିଲି । ସେମାନେ ଏହା ବିଚାର କରିବେ ଏବଂ ମୋତେ ବିରାଟ କୋହଲିଙ୍କୁ ପରାମର୍ଶ ନେବାକୁ କୁହାଯାଇଥିଲା । କୋହଲିଙ୍କୁ ଏନେଇ ମେସେଜ୍ ମଧ୍ୟ କରିଥିଲି, କିନ୍ତୁ ସେ କେବଳ ମେସେଜ୍ ପଢି କହିଥିଲେ ଯେ ସେ ମୋ ସହ ଯୋଗାଯୋଗ କରିବେ, ଯାହା ସେ କେବେ କରିନାହାନ୍ତି ।

ଅମିତ ମିଶ୍ର ୨୨ଟି ଟେଷ୍ଟ ମ୍ୟାଚ୍ ଖେଳି ମୋଟ୍ ୭୬ ଉଇକେଟ ନେବାରେ ସଫଳ ହୋଇଛନ୍ତି । ଏଥି ସହିତ ମିଶ୍ର ୩୬ଟି ଦିନିକିଆ ମ୍ୟାଚ୍‌ରେ ୬୪ ୱିକେଟ ନେବାରେ ସଫଳ ହୋଇଛନ୍ତି । ଏଥି ସହ ଅମିତ ମିଶ୍ର ୧୦ ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୬ଟି ଉଇକେଟ ନେଇଛନ୍ତି ।

# ଘରୋଇ ମ୍ୟାଚ୍ ନ ଖେଳିଲେ ଟିମ୍‌ରୁ ହେବେ ବିଦା : ଗମ୍ଭୀର



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ ପୂର୍ବରୁ, କ୍ରିକେଟ ବୋର୍ଡ ଅଫ ଇଣ୍ଡିଆ (ବିସିସିଆଇ) ଘରୋଇ କ୍ରିକେଟକୁ ଅଣଦେଖା କରି ଇଶାନ କିଶାନ ଏବଂ ଶ୍ରେୟସ ଆୟରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଦୁଇ ଖେଳାଳି ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରୁ ଓହରି ଯାଇଥିଲେ । ବୋର୍ଡ ଏହି ପ୍ରସଙ୍ଗରେ ନରମ ଆଭିମୁଖ୍ୟ ହେବାର କୌଣସି ମନୋଭାବ ନଥିବା ଜଣାପଡ଼ିଛି । ବର୍ତ୍ତମାନ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହେବା ମାତ୍ରେ ବୋର୍ଡ ଅନ୍ୟ ଖେଳାଳିଙ୍କୁ ମଧ୍ୟ ଖୋଲାଖୋଲି ଚେତାବନୀ ଦେଇଛି । ଯେଉଁଥିରେ ଷ୍ଟାର ଖେଳାଳି ବିରାଟ କୋହଲି, ରୋହିତ ଶର୍ମା ଏବଂ ଜସ୍‌ପ୍ରୀତ ବୁମ୍‌ରାଙ୍କ ପରି ଷ୍ଟାର ଖେଳାଳିଙ୍କ ନାଁ ରହିଛି ।

କେବଳ ଗମ୍ଭୀର ନୁହେଁ, ବିସିସିଆଇ ଚାହୁଁଛି ଯେ ରୋହିତ ଶର୍ମା, ବିରାଟ କୋହଲି ଏବଂ ଜସ୍‌ପ୍ରୀତ ବୁମ୍‌ରାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଟେଷ୍ଟ ଖେଳୁଥିବା ଖେଳାଳିମାନେ ଅଗଷ୍ଟରେ ବାଂଲାଦେଶ ଏବଂ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ପୂର୍ବରୁ ଅତି କମ୍‌ରେ ଗୋଟିଏ କିମ୍ବା ଦୁଇଟି ଦିଲ୍ଲୀପ ଟ୍ରଫି ମ୍ୟାଚ୍ ଖେଳିବା ଉଚିତ । ଏଥିପାଇଁ ବୋର୍ଡ ଟିମ୍ ଇଣ୍ଡିଆର ସମସ୍ତ ଖେଳାଳିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛି । ତେବେ ଷ୍ଟାର ଖେଳାଳିଙ୍କୁ ଏଥିରୁ ଛାଡ଼ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେ ଘରୋଇ କ୍ରିକେଟ ଖେଳିବାକୁ ଚାହୁଁଛନ୍ତି କି ନାହିଁ ତାହା ତାଙ୍କ ନିଷ୍ପତ୍ତି ହେବ । ଏଥିମଧ୍ୟରେ ଟିମ୍ ଇଣ୍ଡିଆର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ରୋହିତ ଶର୍ମା ଏବଂ ଜସ୍‌ପ୍ରୀତ ବୁମ୍‌ରା ଅଛନ୍ତି । ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇ ନ୍ୟୁଜ ଏଜେନ୍ସି ପିଟିଆଇକୁ କହିଛି ଯେ, ବିସିସିଆଇ ସଚିବ ଜୟ ଶାହା ସ୍ପଷ୍ଟ କରିଛନ୍ତି ଯେ ଯଦି ଷ୍ଟାର କ୍ରିକେଟର ଜାତୀୟ ଦଳ (ଟିମ୍ ଇଣ୍ଡିଆ) ପାଇଁ ଖେଳୁ ନାହାଁନ୍ତି, ତେଣୁ ଘରୋଇ ମ୍ୟାଚ୍ ପାଇଁ ମଧ୍ୟ ତାଙ୍କୁ ଉପଲବ୍ଧ ହେବାକୁ ପଡ଼ିବ । ତେବେ ରୋହିତ ଶର୍ମା, ବିରାଟ କୋହଲି ଏବଂ ଜସ୍‌ପ୍ରୀତ ବୁମ୍‌ରାଙ୍କ ଉପରେ ସେପରି କୌଣସି ଚାପ ରହିବ ନାହିଁ । ଘରୋଇ କ୍ରିକେଟରେ ଭାଗ ନେବାକୁ ଚାହୁଁଛନ୍ତି କି ନାହିଁ ସେମାନେ ନିଜେ ନିଷ୍ପତ୍ତି ନେବେ । ଆହୁରି ମଧ୍ୟ, ଏଥର ଦିଲୀପ ଟ୍ରଫି ପାଇଁ କୌଣସି ଆଞ୍ଚଳିକ ଚୟନ କମିଟି ନାହିଁ । ଆସନ୍ତା କିଛି ମାସ ମଧ୍ୟରେ ଟିମ୍ ଇଣ୍ଡିଆକୁ ଟେଷ୍ଟ ସିରିଜ୍ ଖେଳିବାକୁ ପଡ଼ିବ ।

ସୂଚନାଯୋଗ୍ୟ, ଟିମ୍ ଇଣ୍ଡିଆକୁ ଅଗଷ୍ଟରେ ବାଂଲାଦେଶ ଏବଂ ସେପ୍ଟେମ୍ବରରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାକୁ ପଡ଼ିବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଦୃଷ୍ଟିକୋଣରୁ ଏହି ଦୁଇଟି ସିରିଜ ଗୁରୁତ୍ୱପୂର୍ଣ୍ଣ । ଏହି ଦୁଇଟି ସିରିଜ୍ ଭାରତରେ ଅନୁଷ୍ଠିତ ହେବ । ଏଭଳି ପରିସ୍ଥିତିରେ ବିସିସିଆଇ ଚାହୁଁଛି ଯେ ଟିମ୍ ଇଣ୍ଡିଆର ସମସ୍ତ ଖେଳାଳି ଅତିକମ୍‌ରେ ଗୋଟିଏ କିମ୍ବା ଦୁଇଟି ଦିଲୀପ ଟ୍ରଫି ମ୍ୟାଚ୍ ଖେଳିବା ଉଚିତ୍ ।

# ୩୬ ଖେଳାଳିଙ୍କୁ ପଛରେ ପକାଇଲେ ଶୁଭମନ ଗିଲ୍, ଟପ୍-୪ ନିକଟତର ହେଲେ ଯଶସ୍ୱୀ

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍(ଆଇସିସି) ପକ୍ଷରୁ ଟି୨୦ ର୍‌ୟାଙ୍କିଂ ଜାରି କରାଯାଇଛି । ନିକଟରେ ଜିମ୍ବାୱେ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ଟିମ୍ ଇଣ୍ଡିଆ ୪-୧ରେ ବିଜେତା ହୋଇଛି । ଏହି ପ୍ରଦର୍ଶନ ଯୋଗୁ ଖେଳାଳିଙ୍କ ର୍‌ୟାଙ୍କିଂରେ ପରିବର୍ତ୍ତନ ହୋଇଛି । ଏହି ସିରିଜରେ ଟିମ୍‌ର ଅଧିନାୟକ ଶୁଭମନ ଗିଲ୍ ହୋଇଥିଲେ । ସେ ସବୁଠାରୁ ଅଧିକ ରନ୍ ମଧ୍ୟ କରିଥିଲେ । ଏହାକୁ ନେଇ ବ୍ୟାଟ୍ସମ୍ୟାନ୍ ର୍‌ୟାଙ୍କିଂରେ ଲମ୍ବ ଡିଆଁ ମାରିଛନ୍ତି । ସେହିଭଳି ଯଶସ୍ୱୀ ଜୈସ୍ୱାଲ ମଧ୍ୟ ଟପ୍-୪ ନିକଟତର ହୋଇଛନ୍ତି ।



ଶୁଭମନ ଗିଲ୍ ବ୍ୟାଟିଂରେ ଟି୨୦ ର୍‌ୟାଙ୍କିଂରେ ୩୬ଜଣଙ୍କୁ ପଛରେ ପକାଇ ୩୭ତମ ସ୍ଥାନରେ ପହଞ୍ଚିଛନ୍ତି । ଜୈସ୍ୱାଲ ଏବେ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି । ଋତୁରାଜ ଗାୟକୱାଡ଼୍ ଗୋଟିଏ ପାହାଚ ଖସି ୮ମ ସ୍ଥାନରେ ପହଞ୍ଚିଛନ୍ତି । ଏହି ର୍‌ୟାଙ୍କିଂରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଶୀର୍ଷ ସ୍ଥାନରେ ଅଛନ୍ତି । ସେହିଭଳି ଭାରତର ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବୋଲିଂର ଟି୨୦ ର୍‌ୟାଙ୍କିଂରେ କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲ ଖସିଛନ୍ତି । ଏହି ଦୁଇ ଖେଳାଳି ସିରିଜର ଅଂଶ ନ ଥିଲେ । ଏଣୁ ଅକ୍ଷର ୪ ସ୍ଥାନ ତଳକୁ ଖସି ୧୩ତମ ସ୍ଥାନରେ ପହଞ୍ଚିଥିବା ବେଳେ କୁଲଦୀପ ଯାଦବ ୫ ସ୍ଥାନ ଖସି ୧୬ତମ ସ୍ଥାନରେ ପହଞ୍ଚିଛନ୍ତି । ସିରିଜର ଅଂଶ ଥିବା ରବି ବିଶ୍ନୋଇ ୪ ସ୍ଥାନ ତଳକୁ ଖସି ଏବେ ୧୯ତମ ସ୍ଥାନରେ ପହଞ୍ଚିଛନ୍ତି ।

# ପୂର୍ବତନ ଶ୍ରୀଲଙ୍କା ଅଣ୍ଡର-୧୯ ଅଧିନାୟକଙ୍କୁ ଗୁଳି କରି ହତ୍ୟା



**ନୂଆଦିଲ୍ଲୀ**

ଶ୍ରୀଲଙ୍କା ଅଣ୍ଡର-୧୯ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ଧମ୍ମିକା ନିରୋଶନଙ୍କୁ ଗୁଳି କରି ହତ୍ୟା ବାସଭବନରେ ସ୍ତ୍ରୀ ଓ ଦୁଇ ଛୁଆଙ୍କ ଆଗରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିଲା । ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି । ଧମ୍ମିକା ନିରୋଶନ କଣ୍ଡା ମଥା ସ୍ଥିତ ତାଙ୍କ ଅମ୍ବଲଗୋଡ଼ା ବାସଭବନରେ ଥିଲେ । ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପଶି ଅତର୍କିତ ଗୁଳି ମାଡ଼ କରିଥିଲେ । ଘଟଣାସ୍ଥଳରେ ହିଁ ଧମ୍ମିକାଙ୍କ ମୃତ୍ୟୁ ଘଟିଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏଥିସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଛି । ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲା, ତା'ର କାରଣ ଜଣାପଡ଼ିନାହିଁ । ଧମ୍ମିକା ନିରୋଶନ ଜଣେ ଡାହାଣ ହାତୀ ଦ୍ରୁତ ବୋଲର ଏବଂ ଡାହାଣହାତୀ ବ୍ୟାଟ୍ସମ୍ୟାନ ଥିଲେ । ସେ ୨୦୦୦ରେ ଶ୍ରୀଲଙ୍କା ଅଣ୍ଡର-୧୯ ଦଳ ପାଇଁ ଡେବ୍ୟୁ କରିଥିଲେ । ନ୍ୟୁଜିଲାଣ୍ଡରେ ୨୦୦୨ରେ ଖେଳାଯାଇଥିବା ଆଇସିସି ଅଣ୍ଡର-୧୯ ବିଶ୍ୱକପ ସମୟରେ ସେ ଶ୍ରୀଲଙ୍କାର ନେତୃତ୍ୱ ନେଇଥିଲେ । ଦୁର୍ଭାଗ୍ୟବଶତ ୨୦ ବର୍ଷ ବୟସରେ କ୍ରିକେଟ ଛାଡ଼ିଥିଲେ ଧମ୍ମିକା ନିରୋଶନ ।

# ଧାନ ପଞ୍ଜିକରଣ ପାଇଁ ଚାଷୀଙ୍କୁ ଫର୍ମ ବଣ୍ଟନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା କୃଷି ସମବାୟ ସମିତିରେ ଧାନ ପଞ୍ଜିକରଣ ପାଇଁ ଚାଷୀଙ୍କୁ ଫର୍ମ ବଣ୍ଟନ କରାଯାଇଛି । ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ସଂପାଦକ କାଳନ୍ଦି ବିଶ୍ୱାଳ, ସହ ସଂପାଦକ ଦୟାନିଧି ଜେନା, ଉପ ସଭାପତି ପ୍ରଣଦା ପାଣି, ନିର୍ଦ୍ଦେଶକ ଖଗେଶ୍ୱର ସ୍ୱାଇଁ, ସୁଜିତ କୁମାର ବେହେରା, ତପନ କୁମାର ନାୟକ, ବିଜୟ କେତନ ଜେନା, ଧରଣୀଧର ପାତ୍ର, ପ୍ରତାପ ଜେନା, ପ୍ରଫୁଲ୍ଲ ରାଉତ, ମାନସ ପ୍ରଧାନ, ଜ୍ଞାନ ରଂଜନ ସାହୁ, ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ରହି ସୋସାଇଟ୍ ଅଧିନସ୍ଥ ବଗଡା, କଳପଡା, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମେତ ପୌରାଞ୍ଚଳର ୪ଟି ୱାର୍ଡ ଅନ୍ତର୍ଗତ ୫ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ତଥା ଅନ୍ୟ ଚାଷୀମାନେ ଆଗାମୀ ଖରିଫ ଋତୁରେ ସର୍ବନିମ୍ନ ସହାୟତା ଦରରେ ଧାନ ବିକ୍ରୟ କରିବେ । ଏଥି ନିମନ୍ତେ ଚାଷୀମାନଙ୍କୁ ପଞ୍ଜିକରଣ ଫର୍ମ ପ୍ରଦାନ କରାଗଲା । ଜୁଲାଇ ୩୧ ତାରିଖ ଯାଏ ସୋସାଇଟ୍ କାର୍ଯ୍ୟାଳୟରୁ ଚାଷୀମାନେ ଫର୍ମ ସଂଗ୍ରହ କରି ଆନୁସାଙ୍ଗିକ କାଗଜପତ୍ର ପ୍ରଦାନ କରିବାକୁ ସମିତି ତରଫରୁ ଜଣାଇ ଦିଆଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ହେମନ୍ତ କୁମାର ଜେନା, ପ୍ରଫୁଲ୍ଲ ମହାନ୍ତି, ବାବାଜୀ ନାୟକ, ଉମାକାନ୍ତ ଜେନା, ମୀନକେତନ ଜେନା, ପ୍ରଭାତ କୁମାର ସ୍ୱାଇଁ, ସୁବୁଧି ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

# ସ୍କୁଲରେ ପଶିଥିବା ଭାଲୁକୁ ନିଶ୍ଚେତକ ଇଞ୍ଜେକସନ ଦେଇ ଧରାଗଲା

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗ ପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦହଣା ପ୍ରାଥମିକ ବିଦ୍ୟାଳୟକୁ ପଶି ଆସିଥିବା ଏକ ଭାଲୁକୁ ଶେଷରେ ଟ୍ରାଙ୍କୁଲାଇଜ କରି ଧରିଛି ବନ ବିଭାଗ । ମଙ୍ଗଳବାର ସକାଳୁ ସ୍କୁଲ ଖୋଲିବା ସମୟରେ ଏକ ଭାଲୁ ସ୍କୁଲର ନିର୍ମାଣାଧୀନ ଏକ ଘର ସମ୍ମୁଖରେ ଶୋଇଥିଲା । ଏହା ଦେଖି ସ୍କୁଲ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ସୁରକ୍ଷା ଦୃଷ୍ଟିରେ ଛୁଟି ଘୋଷଣା କରି ଛାତ୍ରଛାତ୍ରୀଙ୍କୁ ଘରକୁ ଫେରିଯିବାକୁ କହିଥିଲେ । ବିଦ୍ୟାଳୟରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପହଞ୍ଚିଥିଲେ । ବନ ବିଭାଗ କର୍ମଚାରୀ ଓ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ପହଞ୍ଚି ଭାଲୁକୁ ଧରିବା ପାଇଁ ଜାଲ ବିଛାଇଥିଲେ । ଭାଲୁଟି ଗଛ ଉପରକୁ ଚଢ଼ି ଯାଇଥିଲା । ଶେଷରେ ଭାଲୁକୁ ଟ୍ରାଙ୍କୁଲାଇଜ କରି ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି ।

# ପାଣ୍ଡ୍ୟାଙ୍କୁ ଅଧିନାୟକ କରିବାକୁ ଚାହାନ୍ତି ନାହିଁ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**

ଶ୍ରୀଲଙ୍କା ଗସ୍ତ ପାଇଁ ଟିମ୍ ଇଣ୍ଡିଆ ଘୋଷଣା ଖୁବ୍‌ଶୀଘ୍ର ହେବାକୁ ଯାଉଛି । ଭାରତୀୟ ଚୟନ କମିଟି ଖୁବ୍‌ଶୀଘ୍ର ଟି୨୦ ଏବଂ ଦିନିକିଆ ଟିମ୍‌ର ଘୋଷଣା କରିପାରେ । ହେଲେ ଏସବୁ ମଧ୍ୟରେ ଟିମ୍ ଇଣ୍ଡିଆର ଆଗାମୀ ଟି୨୦ ଅଧିନାୟକ କିଏ ହେବ ସେନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଟି୨୦ ବିଶ୍ୱକପ୍ ଶେଷ ହେବା ପରେ ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ହିଁ ରୋହିତ ଶର୍ମାଙ୍କ ସ୍ଥାନ ନେବେ ବୋଲି କୁହାଯାଉଥିଲା । ହେଲେ ଏବେ ସୂର୍ଯ୍ୟକୁମାର ଯାଦବ ଏହି ଦୌଡ଼ରେ ଆଗରେ ରହିଛନ୍ତି । ଏମିତିରେ ପ୍ରଶ୍ନ ଉଠୁଛି ପାଣ୍ଡ୍ୟା ଅଧିନାୟକ ହେବାରେ ଅସୁବିଧା କେଉଁଠି ?

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ବିସିସିଆଇର ଜଣେ ଅଧିକାରୀ ପାଣ୍ଡ୍ୟା ହିଁ ରୋହିତ ଶର୍ମାଙ୍କ ପରେ ଅଧିନାୟକ ହୋଇଥାନ୍ତେ । ହେଲେ ଚୟନ କମିଟି ଏବଂ ଗମ୍ଭୀର ସୂର୍ଯ୍ୟକୁମାରଙ୍କ ପକ୍ଷକୁ ଢ଼ଳୁଛନ୍ତି । ଏହା ପଛରେ କାରଣଟି ହେଲା ପାଣ୍ଡ୍ୟା ପ୍ରତି ସିରିଜ୍‌ରେ ଉପଲବ୍ଧ ରହିପାରିବେ ନାହିଁ । ଗମ୍ଭୀର କିନ୍ତୁ ଚାହାନ୍ତି ଯେ ପ୍ରତି ସିରିଜରେ ଖେଳୁଥିବା ଖେଳାଳିଙ୍କୁ ହିଁ ୨୦୨୬ ଟି୨୦ ବିଶ୍ୱକପ୍ ଯାଏ ଅଧିନାୟକ କରାଯିବ ।



ପାଣ୍ଡ୍ୟାଙ୍କ ଫିଟ୍‌ନେସ୍ ମଧ୍ୟ ବଡ଼ ପ୍ରସଙ୍ଗ ହୋଇ ଉଭା ହୋଇଛି । ଗତ ୫ ବର୍ଷ ମଧ୍ୟରେ ସେ ଲଗାତାର ଭାବେ ୨ ସିରିଜ ବହୁତ କମ୍ ଥର ଖେଳିଛନ୍ତି । ଅପରପକ୍ଷେ ସୂର୍ଯ୍ୟକୁମାରଙ୍କ ସହ ୨୦୧୪ରେ କୋଲକାତା ନାଇଟ୍ ରାଇଡର୍ସ ଅଧିନାୟକ ଭାବେ ଗମ୍ଭୀର କାମ କରିଛନ୍ତି । ଏବେ ସେ ଟି୨୦ ର୍‌ୟାଙ୍କିଂରେ ଶୀର୍ଷ ଖେଳାଳି ଅଛନ୍ତି । ତେଣୁ ତାଙ୍କୁ ପାଣ୍ଡ୍ୟାଙ୍କଠାରୁ ଅଧିକ ଅଧିନାୟକ ପଦର ଦାବିଦାର ବୋଲି କୁହାଯାଉଛି । ଏନେଇ ପାଣ୍ଡ୍ୟାଙ୍କ ସହ ଏନେଇ ଆଲୋଚନା କରାଯାଇଛି ।

# ରୋମାନିଆରେ ହତ୍ୟା କରାଯିବ ୫୦୦ ଧୂଷର ଭାଲୁ

**ବୁକାରୋଷ୍ଟ**

ଚଳିତ ବର୍ଷ ରୋମାନିଆରେ ପ୍ରାୟ ୫୦୦ ଧୂଷର ଭାଲୁଙ୍କୁ ହତ୍ୟା କରିବାକୁ ଏଠାକାର ସଂସଦରେ ନିଷ୍ପତ୍ତି ନିଆଯିବା ପରେ ଏହା ପଶୁପ୍ରେମୀ ମହଲକୁ ଚିନ୍ତିତ କରିଛି । ଏହି ଦେଶରେ ଧୂଷର ଭାଲୁଙ୍କ ସଂଖ୍ୟା ବଢୁଥିବା ଏବଂ ବିଭିନ୍ନ ସ୍ଥାନରେ ଲୋକ ଭାଲୁ ଆକ୍ରମଣର ଶିକାର ହେଉଥିବାରୁ ଭାଲୁଙ୍କ ସଂଖ୍ୟା ହ୍ରାସ କରିବା ଲାଗି ସାଂସଦମାନେ ଏହି ନିଷ୍ପତ୍ତି ନେଇଛନ୍ତି । ଗତବର୍ଷ ପ୍ରାୟ ୨୨୦ ଭାଲୁଙ୍କୁ ହତ୍ୟା କରାଯାଇଥିଲା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ୪୮୧ ଭାଲୁଙ୍କୁ ହତ୍ୟା କରାଯିବ ବୋଲି ନିଷ୍ପତ୍ତି ହୋଇଛି । । ରୋମାନିଆର ପରିବେଶ ମନ୍ତ୍ରଣାଳୟ ସୂଚନା ଅନୁସାରେ ଏଠାରେ ୮ ହଜାରରୁ ଅଧିକ ଧୂଷର ଭାଲୁ ଅଛନ୍ତି । ରୁଷିଆରେ ସବୁଠୁ ଅଧିକ ଏହି କିସମର ଭାଲୁ ଦେଖାଯାଇଥାନ୍ତି । ରୁଷ୍ ପରେ ୟୁରୋପରେ ଧୂଷର ଭାଲୁଙ୍କ ସଂଖ୍ୟାରେ ରୋମାନିଆରେ ଅଧିକ ରହିଛି ।

# ୧୯ରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବେ ଜେପି ନଡ୍ଡା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଆସନ୍ତା ୧୯ ଓ ୨୦ ତାରିଖରେ ବିଜେପିର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ପୁରୀସ୍ଥିତ ବଳିଆପଣ୍ଡାରେ ଅନୁଷ୍ଠିତ ହେବ । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି । ରାଜ୍ୟରେ ପ୍ରଥମଥର ସରକାର ଗଠନ ପରେ ବିଜେପିର ଏହା ପ୍ରଥମ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ । ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ, ୧୯ ତାରିଖ ସକାଳ ସାଢ଼େ ୧୦ଟାରେ ପଦାଧିକାରୀ ବୈଠକ ବସିବ । ଅପରାହ୍ଣ ସାଢ଼େ ୨ଟାରେ କାର୍ଯ୍ୟକାରିଣୀ ଉଦ୍‌ଘାଟିତ ହେବ ବୋଲି ଜଣାପଡ଼ିଛି । ୨୦ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜାରି ରହିବା ସହ ଏଥିରେ ମୁଖ୍ୟମନ୍ତ୍ରୀ, ସବୁ ମନ୍ତ୍ରୀ, ସାଂସଦ, ବିଧାୟକ, କେନ୍ଦ୍ର ମନ୍ତ୍ରୀଙ୍କ ସମେତ ନିର୍ବାଚନ ଦାୟିତ୍ୱରେ ଥିବା ବିଧାନସଭା ଓ ଲୋକସଭା ସଂଯୋଜକ, ଜିଲ୍ଲା ସଭାପତି, ସାଧାରଣ ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସମସ୍ତ ମୋର୍ଚ୍ଚା ସଭାପତି ପ୍ରମୁଖ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି । ଏମାନଙ୍କ ବ୍ୟତୀତ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ମଧ୍ୟ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ରଥଯାତ୍ରା ପରେ ନବଦିନାତ୍ମକ ଉତ୍ସବ ପବିତ୍ର ବାହୁଡାଯାତ୍ରା ସମ୍ପନ୍ନ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ମାଉସୀ ମା'ଙ୍କ ଘରେ ଦୀର୍ଘ ନଅ ଦିନ ରହି ଦର୍ଶନ ଦେବା ପରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଗହଣରେ ରଥଟଣା ହୋଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ ତିନିଠାକୁର । ମୁଖ୍ୟ ସେବକ ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଆଡ଼ପ ମଣ୍ଡପ



ଉପରେ ସମସ୍ତ ନୀତିକାନ୍ତି ସମାପନ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ଯାଇ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରେ ବିଜେ କରିଥିଲେ । ଏହାପରେ କୁଳପତିଙ୍କ ଦ୍ୱାରା ଛେରାପହଁରା ସରିବା ପରେ ନୃତ୍ୟ, ଭଜନ, ସଂକୀର୍ତ୍ତନ, ଘଣ୍ଟ ଓ ହରିବୋଲ ସହ ଜୟ ଜଗନ୍ନାଥ ଧ୍ୱନିରେ ବିଶ୍ୱବିଦ୍ୟାଳୟର ପରିବେଶ ଅତ୍ୟନ୍ତ ଭକ୍ତିମୟ ହୋଇଯାଇଥିଲା । ଏହି ଅବସରରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ଓ ପ୍ରସାଦ ଭୋଜନ ପ୍ରସ୍ତୁତକାରୀ ବ୍ୟକ୍ତିବିଶେଷଙ୍କୁ କୁଳପତି ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ ।

# ନୀଳଗିରିରେ ବଡ଼ ଅଘଟଣ : ରଥରେ ନିଆଁ ଲାଗି ଜଳିଗଲେ ଚତୁର୍ଦ୍ଧାମୂର୍ତ୍ତି

**ନୀଳଗିରି, ନ୍ୟୁଜ୍‌ବ୍ୟୁରୋ**

ରଥରେ ନିଆଁ ଲାଗି ଜଳିଗଲେ ଚତୁର୍ଦ୍ଧାମୂର୍ତ୍ତି । ନୀଳଗିରି ଉପଖଣ୍ଡ ନିକଟ ସାଆନ୍ତା ଛକ ରଥରେ ମଙ୍ଗଳବାର ବାହୁଡ଼ା ଯାତ୍ରାରେ ଏଭଳି ଏକ ବଡ଼ ଅଘଟଣ ଘଟିଛି । ସୂଚନାନୁଯାୟୀ, ରେମୁଣା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସାଆନ୍ତା ଛକରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଥିଲା । ଏହି ସମୟରେ କୌଣସି କାରଣରୁ ରଥରେ ନିଆଁ ଲାଗିଯାଇଥିଲା । ପରେ ସେହି ନିଆଁ ବ୍ୟାପିଯିବାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ପୋଡ଼ି ଯାଇଥିଲା । ଏହି ଅଘଟଣକୁ ଲୁଚାଇବା ପାଇଁ ସେବାୟତମାନେ ପ୍ରୟାସ କରିଥିଲେ । କିଛି ଗଣମାଧ୍ୟମ ପ୍ରତିନିଧି ରଥର ଫଟୋ ଉତ୍ତୋଳନ କରିଥିବା ବେଳେ ମହାପ୍ରଭୁ ନ ଥିବାରୁ ଦୋଷ ଲୁଚାଇବାକୁ ଯାଇ ରଥରେ ଧଳା ଲୁଗା ଘୋଡ଼ାଇ ଦେଲେ । ପ୍ରଭୁଙ୍କୁ କୁଆଡ଼େ ନେଇଗଲ ବୋଲି ସେମାନେ ପଚାରିବାରୁ ସେବାୟତମାନେ କୌଣସି ଉତ୍ତର ନ ଦେଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ସେହିପରି ରଥର ପୋଡ଼ିଯାଇଥିବା ଅଂଶରେ ତରବରିଆ ଭାବେ ନୂତନ କାଠ ଯୋଖାଯାଇ ପ୍ରଭୁଙ୍କ ସ୍ଥାନରେ ଧଳା ଲୁଗା ଘୋଡ଼ାଇ ଦିଆଯାଇଛି । ତେବେ ଚର୍ଚ୍ଚା ହେଉଛି ଯେ ସେବାୟତମାନେ ପ୍ରଭୁଙ୍କୁ ଅନ୍ୟତ୍ର ନେଇ ତରବରିଆ ଭାବେ ଗ୍ରାମର କୌଣସି ଏକ ନିଛାଟିଆ ସ୍ଥାନରେ ମାଟି ତଳେ ପୋତି ଦେଇଛନ୍ତି । ଏଭଳି ଅଘଟଣକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ନାବାଳିକାକୁ ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ, ୧ ଲକ୍ଷ ୧୦ ହଜାର ଜରିମାନା

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାସ, ଏକ ନାବାଳିକାକୁ ଦୁଷ୍କର୍ମ ମାମଲାର ୧୪ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ପୀଡ଼ିତାଙ୍କ ବୟାନ ଆଧାରରେ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୧୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି । ଏଥିସହ କ୍ଷତି ପୂରଣ ବାବଦରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଘଟଣା ପ୍ରକାରେ, ୨୦୧୮ ମସିହାରେ ପୀଡ଼ିତା ଜଣକ ୮ମ ଶ୍ରେଣୀରେ ପଢୁଥିବା ସମୟରେ ତାର ଗାଁ ରେ ରହୁଥିବା ଜଣେ ସହପାଠିନୀ ଘରେ ମିଶି ପାଠ ପଢିବାକୁ ଯାଉଥିଲା । ବେଳେ ବେଳେ ତାଙ୍କ ଘରେ ରାତିରେ ଶୋଉଥିଲା । ଏହାର ସୁଯୋଗ ନେଇ ସହପାଠିନୀର ବଡ଼ ଭାଇ ବନମାଳୀ ପ୍ରଧାନ (୨୧) ପୀଡ଼ିତା ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା । ପୀଡ଼ିତା ଏହାକୁ ବିରୋଧ କରିବାରୁ ତାକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ଏହିପରି ଦିର୍ଘ ଦିନ ଧରି ତା' ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲା । ତା'ର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ଯୋଗୁଁ ୨୦୨୨ ମସିହାରେ ପୀଡ଼ିତାଙ୍କ ବଡ଼ଭଉଣୀ ତାକୁ ପଚାରିବା ପରେ ପୀଡ଼ିତା ସବୁ କଥା କହିଥିଲା । ପରିବାର ଲୋକେ ଗାଁରେ ବସି ଆଲୋଚନା କରିବା ପରେ ୨୦୨୨ ନଭେମ୍ବର ମାସ ୧୯ ତାରିଖରେ ଟିକାବାଲି ଥାନାରେ ଏ ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ୍ ଏକ ମାମଲା ୮୭/୨୦୨୨ ରୁଜୁ କରି ଘଟଣାର ତଦନ୍ତ କରି ବନମାଳୀକୁ ଗିରଫ କରି କୋର୍ଟରେ ହାଜର କରାଇଥିଲା । ଆଜି ସେହି ମାମଲାର ବିଚାରଣା କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ମାମଲାକୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରିଥିଲେ ।

# ତାମିଲନାଡୁକୁ ପାଣି ଛାଡ଼ିବାକୁ ରାଜି ହେଉନି କର୍ଣ୍ଣାଟକ
## ପୁଣି ତୀବ୍ର ହୋଇପାରେ କାବେରୀ ଜଳ ବିବାଦ

**ଚେନ୍ନାଇ**

କାବେରୀ ନଦୀ ଜଳ ବଣ୍ଟନକୁ ନେଇ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ବିବାଦ ଲାଗିରହିଛି । ସୁପ୍ରିମ୍‌କୋର୍ଟ ଓ କେନ୍ଦ୍ରୀୟ ଜଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଆଦେଶ ସତ୍ତ୍ୱେ କାବେରୀ ଜଳରୁ ତାମିଲନାଡୁକୁ ତା'ର ଭାଗ ଦିନକୁ ୧ହଜାର ନିୟୁତ ୨୮.୩୧୭ ଲିଟର । କାବେରୀ ଅବବାହିକାରେ ଏବେ ୬୩% ପାଣି ଅଛି । ତେଣୁ ଦିନକୁ ୧ହଜାର ନିୟୁତ ଘନମିଟର ବା ୧୧,୫୦୦ କ୍ୟୁସେକ ପାଣି ଛଡ଼ାଯିବା ସମ୍ଭବପର ନୁହେଁ । ତାମିଲନାଡୁର ଡିଏମ୍ ସରକାର ସର୍ବଦଳୀୟ ବୈଠକ ଡ଼ାକି କର୍ଣ୍ଣାଟକ ଘନମିଟର(ଟିଏମସି) ଜଳ ଛାଡ଼ିବାକୁ କର୍ଣ୍ଣାଟକ ରାଜି ହେଉନାହିଁ । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ କରି ନିଷ୍ପତ୍ତି ନେଇଛନ୍ତି ଯେ ତାମିଲନାଡୁକୁ ଦୈନିକ ୮ହଜାର କ୍ୟୁସେକ୍ (ସେକେଣ୍ଡକୁ ୮ ହଜାର ଘନଫୁଟ) ପାଣି ଛାଡ଼ିବେ ।

ସୁପ୍ରିମ୍‌କୋର୍ଟ ଓ କେନ୍ଦ୍ରୀୟ ଜଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଆଦେଶ ଅନୁଯାୟୀ ତାମିଲନାଡୁକୁ ତା' ଭାଗ ଜଳ ଛାଡ଼ିବାକୁ ନିର୍ଦ୍ଦେଶ ଦେବାକୁ ତାମିଲନାଡୁ ସରକାର କେନ୍ଦ୍ରୀୟ ଜଳ ସମ୍ବଳ କମିଶନଙ୍କୁ ଅନୁରୋଧ କରିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ କହିଛନ୍ତି, କର୍ଣ୍ଣାଟକର ମୁଖ୍ୟ ୪ ଡ୍ୟାମ୍‌ରେ ୨୦୨୪ ଜୁଲାଇ ୧୫ରେ ୭୫.୫୮୬ ଟିଏମ୍‌ସି ଫୁଟ୍ ଜଳ ରହିଥିବା ବେଳେ ତାମିଲନାଡୁର ମେଟ୍ଟୁର ଜଳଭଣ୍ଡାରରେ ରହିଛି ମାତ୍ର ୧୩.୮୦୮ ଟିଏମ୍‌ସି ଫୁଟ୍ ଜଳ । ତେଣୁ ତାମିଲନାଡୁକୁ ତା'ଭାଗ କାବେରୀ ଜଳ ନିହାତି ଦରକାର । କାବେରୀ ଜଳ ବଣ୍ଟନ ବିବାଦର ବିଚାରକରି ସୁପ୍ରିମ୍‌କୋର୍ଟ ୨୦୧୮ ଫେବୃଆରୀରେ ରାୟ ଦେଇଥିଲେ ଯେ ତାମିଲନାଡୁକୁ ୪୦୪.୨୫ ଟିଏମ୍‌ସି ଫୁଟ୍ ପାଣି ଦରକାର ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ତା ୧୬/୭ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ପ୍ରଥମେ ଜଗନ୍ନାଥଙ୍କ ୧୬ ଚକ ବିଶିଷ୍ଟ ତାଳଧ୍ୱଜ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରୁ ଭକ୍ତମାନେ ଟାଣି ନେଇ ଶ୍ରୀମନ୍ଦିର ସମ୍ମୁଖ ରଥ ଖଳାରେ ପହଞ୍ଚାଇ ଥିଲେ । ପରେ ପରେ ଦେବୀ ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଡିଆଇଜି ଡ. ସତ୍ୟଜିତ ନାଏକ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, ଏସ୍‌ପି ଏସ. ସୁଶ୍ରୀ, ଆଇଜି ଅଫିସର କ୍ରାଇମ ଇନ୍‌ସପେକ୍ଟର ପର୍ଶୁରାମ ସାହୁ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇ ରଥ ଟାଣିଥିଲେ । ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ପରମ୍ପରା



ମୁତାବକ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଟାଣିଥାନ୍ତି । ଏହି ପରମ୍ପରା ୧୯୭୫ ମସିହା ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ଥିଲେ, ସେତିକି ବେଳୁ ଆରମ୍ଭ ହୋଇଛି । ମହିଳା ମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କୁ ସଶକ୍ତ କରାଯିବା ପାଇଁ ବାରିପଦା ମାଟିରୁ ଆରମ୍ଭ ହୋଇଥିବା ଏହି ପରମ୍ପରାକୁ ଚଳିତ ବର୍ଷ ୫୦ ବର୍ଷ ହେଉଥିବାରୁ ଏଥର ଜିଲ୍ଲା ତଥା ବିଭିନ୍ନ ଅଞ୍ଚଳରୁ ମହିଳା ଭକ୍ତମାନେ ଆନନ୍ଦ ଉଲ୍ଲାସରେ ଦେବୀ ସୁଭଦ୍ରାଙ୍କ ରଥ ଟାଣିଥିବାର ଦେଖାଯାଇଛି । ତେବେ ରଥ ଟଣା ବେଳେ ମୁଖ୍ୟତଃ ପାଗ ଶୁଖିଲା ଥିବାରୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳାରେ ସାରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରଥ ଯାତ୍ରା ପାଇଁ ୨ପ୍ଲାଟୁନ ଫୋର୍ସ, ୨ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୫ଜଣ ଇନ୍‌ସପେକ୍ଟର, ୫୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ପୋଲିସ ବଳ ମୁତୟନ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଛି ।





# ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ଓଡ଼ିଆ ଅସ୍ମିତାର ଲଢ଼େଇ ଲଢ଼ିବ କଂଗ୍ରେସ : ଶରତ ପଟ୍ଟନାୟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମସ୍ତ ଜିଲ୍ଲା ସଭାପତି, ଛାମୁଆ ସଂଗଠନର ମୁଖ୍ୟ ତଥା ସମସ୍ତ ବିଭାଗର ମୁଖ୍ୟଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଦଳର ଆଗାମୀ ରଣନୀତି ସଂପର୍କରେ ଆଲୋଚନା ହୋଇଥିଲା। ବିଜେପି ସରକାରର ଏକ ମାସ ମଧ୍ୟରେ ଯେଭଳି ଭାବେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଏବଂ ହିଂସାର ବାତାବରଣ ସୃଷ୍ଟି କରାଯାଉଛି ଏହାକୁ ସଭାରେ ସମସ୍ତେ ଦୃଢ଼ ଭାବେ ନିନ୍ଦା କରିଥିଲେ। ଯେଉଁଭଳିଭାବେ ରାଜ୍ୟର ରାଜ୍ୟପାଳଙ୍କ ପୁଅ ଜଣେ କାର୍ଯ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ମାରି ଲହୁ ଲୁହାଣ କଲେ ହେଲେ ରାଜ୍ୟର ରାଜ୍ୟପାଳ ଓ ଗୃହ ବିଭାଗକୁ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ନୀରବ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏ ସମ୍ପର୍କରେ ପୀଡ଼ିତ ଅଧିକାରୀ ଜଣଙ୍କ ଏତଲା ଦେଇଥିଲେ ମଧ୍ୟ ପୋଲିସ ହାତ ବାନ୍ଧି ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଏଏସଓ ଜଣଙ୍କୁ ବଦଳି କରି ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଇ ନିରବଦ୍ରଷ୍ଟା ସାଜିଛନ୍ତି। ଘଟଣାଟିକୁ ଚାପି ଦେବାପାଇଁ ଉଦ୍ୟମ ଚାଲିଥିବା ବେଳେ ନିରପକ୍ଷେ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବା ଲାଗି କଂଗ୍ରେସ ଦାବି କରିଛି। ତେଣୁ ଗଠନ ମୂଳକ ବିରୋଧୀ ଦଳ ଭାବେ କଂଗ୍ରେସ ଦଳ ସଂସଦ ଓ ବିଧାନସଭା ଭିତରେ ଏବଂ ରାଜରାସ୍ତାରେ ବିଜେପି ସରକାର ବିରୁଦ୍ଧରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜୋରଦାର କରିବ ବୋଲି ଆଜିର ସଭାରେ ନିଷ୍ପତ୍ତି ନିଆଯାଇଛି।

ସଭାରେ ସମସ୍ତ ନବ ନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ଧନ୍ୟବାଦ ଦେବା ସହ ଚଳିତ ନିର୍ବାଚନରେ ଯେଉଁଭଳି ଭାବରେ ସମସ୍ତ ବିପରୀତ ପରିସ୍ଥିତି ସତ୍ତ୍ୱେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ବ୍ଲକ ସଭାପତି, ଜିଲ୍ଲା ସଭାପତି, ଛାମୁଆ ସଂଗଠନ ସହ ସମସ୍ତ ବିଭାଗର କାର୍ଯ୍ୟକର୍ତ୍ତା ନିର୍ବାଚନ ଲଢ଼ିଲେ ସେମାନଙ୍କୁ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଏହି ସଭାରେ ସମସ୍ତ ଜିଲ୍ଲା ସଭାପତି, ବରିଷ୍ଠ ଉପସଭାପତି-ଶିବାନନ୍ଦ ରାୟ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଡଃ ବିଶ୍ୱରଞ୍ଜନ ମହାନ୍ତି, ପିସିସି ଉପସଭାପତି- ସନତ ଦାସ, ମହିଳା କଂଗ୍ରେସର ସଭାନେତ୍ରୀ- ମୀନାକ୍ଷୀ ବାହିନପତି, ସେବାଦଳ ଅଧ୍ୟକ୍ଷ- ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବାଙ୍କନିଧି ବେହେରା, ଜୟରାମ ପାଙ୍ଗି, ଜିଆ ଉଲ୍ଲହକ୍‌, ବିଜୟାନନ୍ଦ ଚାଉଳିଆ, ଅମୀୟ ପଟ୍ଟନାୟକ, ହଳଦର ସେଠୀ, ଜିତେନ୍ଦ୍ର ବିଶ୍ୱାଳ ଓ ସମସ୍ତ ଛାମୁଆ ସଂଗଠନ ଓ ସାମୁଖ୍ୟର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିହାରରେ ଭିଆଇ ପାର୍ଟି ମୁଖ୍ୟଙ୍କ ପିତାଙ୍କୁ ହତ୍ୟା

**ଦରଭଙ୍ଗା**

ବିହାରର ବିକାଶଶୀଳ ଇନସାନ ପାର୍ଟି ମୁଖ୍ୟ ମୁକେଶ ସାହାନୀଙ୍କ ପିତା ଜିତନ ସାହାନିଙ୍କୁ ହତ୍ୟା କରାଯାଇଛି। ଦରଭଙ୍ଗା ଏସଏସପି ଜଗନ୍ନାଥ ରେଡ୍ଡି କହିଛନ୍ତି, ଦରଭଙ୍ଗାର ସୁପାଉଲ ବଜାରରେ ଥିବା ଜିତନ ସାହାନିଙ୍କ ପୈତୃକ ଘରେ ତାଙ୍କ ମୃତଦେହ ମିଳିଛି। ତାଙ୍କୁ କିଏ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣି ହତ୍ୟା କରିଛି। ସେଠାକୁ ପୁଲିସ୍‌, ଫରେନ୍ସିକ ଟିମ୍ ଓ ଡଗ୍ ସ୍କ୍ୱାଡ ପହଞ୍ଚି ତଦନ୍ତ ଚଳାଇଛି ଓ ପ୍ରମାଣ ସଂଗ୍ରହ କରୁଛି। ସାହାନିଙ୍କ ହତ୍ୟାର ତଦନ୍ତ ପାଇଁ ବିହାର ସରକାରଙ୍କ ନିର୍ଦ୍ଦେଶରେ ଏସଆଇଟି ଗଢ଼ାଯାଇଛି। ମୁମ୍ବାଇରେ ଥିବା ମୁକେଶ ସାହାନି ତାଙ୍କ ପିତାଙ୍କ ହତ୍ୟା ଖବରପାଇ ମୁମ୍ବାଇ ଛାଡ଼ି ପାଟନା ଆସିଛନ୍ତି। ପାଟନାରୁ ସେ ଦରଭଙ୍ଗା ଯିବେ । କ'ଣ ପାଇଁ ଏହି ବିଭତ୍ସ ହତ୍ୟାକାଣ୍ଡ ଘଟିଛି ତାହାର କାରଣ ଜଣାପଡ଼ି ନାହିଁ।

# ପାକ୍ ସେନା ଶିବିର ଉପରେ ଆତଙ୍କବାଦୀ ଆକ୍ରମଣ : ୧୭ ଯବାନ ସହିଦ

**ଇସଲାମାବାଦ**

ପାକିସ୍ତାନର ଉତ୍ତର-ପଶ୍ଚିମ ଖୈବର ପଖ୍ତୁନଖ୍ୱା ଅଞ୍ଚଳରେ ସେନା ଶିବିରରେ ଏକ ଭୟାବହ ଆତଙ୍କବାଦୀ ଆକ୍ରମଣରେ ୧୭ଜଣ ଯବାନଙ୍କ ମୃତ୍ୟୁ ହୋଇଛି। ସୂତ୍ର ମୁତାବକ ଏହି ଘଟଣା ଅଞ୍ଚଳର ବନ୍ନୁ ଜିଲ୍ଲାରେ ସ୍ଥାନୀୟ ସମୟାନୁସାରେ ସକାଳେ ପ୍ରାୟ ୪.୪୫ ମିନିଟରେ ହୋଇଛି । ଏଠାରେ ଜଣେ ଆତ୍ମଘାତୀ ଆକ୍ରମଣକାରୀ ଏକ ଗେଟ୍ ଉପରେ ସେନାର ତୈଳ ଟର୍ମିନାଲର ବାହାନକୁ ଧକ୍କା ଦେଇଥିଲା ବେଳେ ସେମାନଙ୍କର ତିନିରୁ ଚାରିଜଣ ସହଯୋଗୀ ଗ୍ରେନେଡ୍ ଫିଙ୍ଗି ଏହି ଅଞ୍ଚଳରେ ପ୍ରବେଶ କରିବାରେ ସଫଳ ହୋଇଥିଲେ। ସେନାର କାର୍ଯ୍ୟାନୁଷ୍ଠାନରେ ୪ ଜଣ ଆତଙ୍କବାଦୀ ନିହତ ହୋଇଥିବା ମିଳିଛି। ସେନାର ଏକ ହେଲିକପ୍ଟରକୁ ବି ଆତଙ୍କବାଦୀମାନେ ମାରି ଖସାଇଥିବା ଜଣାପଡ଼ିଛି। ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନୀ ସେନାର ୧୭ ସୈନିକ ନିହତ ହୋଇଛନ୍ତି। ଯେଉଁଥିରେ ୨ଜଣ ମେଜର ଓ ୨ଜଣ କ୍ୟାପଟେନ ର୍‍ୟାଙ୍କ ଅଧିକାରୀ ଥିଲେ।

# ରୁଷ୍ ବିରୁଦ୍ଧରେ ଲଢିବା ପାଇଁ ପ୍ରସ୍ତୁତ ହେଉଛି ୟୁକ୍ରେନର ରୋବୋଟ ଆର୍ମି

**କିଭ୍**

ରୁଷ୍ ସହିତ ଜାରି ଯୁଦ୍ଧରେ ଲଗାତର ପଛରେ ରହୁଥିବା ତଥା ନିଜ ଅଞ୍ଚଳ ହରାଉଥିବା ୟୁକ୍ରେନ ଏବେ ଯୁଦ୍ଧରେ ନିଜ ସ୍ଥିତି ମଜବୁତ କରିବା ପାଇଁ ରୋବୋଟ ଆର୍ମି ପ୍ରସ୍ତୁତ କରୁଛି। ୟୁକ୍ରେନ ଲଗାତର ରୁଷ୍‌ରୁ ପରାଜୟ ଓ ସୈନ ଅଭାବରୁ କ୍ରମାଗତ ଭାବେ ସଂଘର୍ଷ କରୁଛି। ଏଭଳି ସ୍ଥିତିରେ ଖବର ଆସିଛି ୟୁକ୍ରେନର ଗୁପ୍ତ ଗୋଦାମରେ ୟୁକ୍ରେନର ଅନେକ ପ୍ରୟୋଗଶାଳା ମିଳିତ ଭାବେ ସ୍ୱତନ୍ତ୍ର ସେନା ପ୍ରସ୍ତୁତ କରୁଛନ୍ତି । ୟୁକ୍ରେନ ଷ୍ଟାର୍ଟଅପ କମ୍ ମୂଲ୍ୟରେ ରୋବୋଟ ତିଆରି କରିବାରେ ଲାଗିଛି। ଏହି ରୋବୋଟ ସେନା ରୁଷ୍ ସୈନିକଙ୍କୁ ଯୁଦ୍ଧରେ ହରାଇବ ଏବଂ ସାଧାରଣ ନାଗରିକଙ୍କ ରକ୍ଷା କରିବ ବୋଲି ୟୁକ୍ରେନ ଆଶା କରିଛି । ୟୁକ୍ରେନ ପ୍ରାୟ ୨୫୦ ପ୍ରତିରକ୍ଷା ଷ୍ଟାର୍ଟଅପ କମ୍ପାନୀ ଗୁପ୍ତ ସ୍ଥାନରେ ରୋବୋଟ ସେନା ପ୍ରସ୍ତୁତ କରୁଛି।

# ପିଲାଙ୍କୁ ମିଳିବ ଗୁଣାତ୍ମକ ଶିକ୍ଷା : ଯୁକ୍ତଦୁଇ ଉପସ୍ଥାନରେ ସୁଧାର ଆଣିବା ପାଇଁ ପ୍ରୟାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ବିଭାଗକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଛି ପ୍ରୟାସ। ପିଲାମାନଙ୍କ ନିକଟରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବାକୁ ଚେଷ୍ଟା ଆରମ୍ଭ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ବିଭାଗୀୟ ମନ୍ତ୍ରୀ ବିଭାଗ ଅଧୀନସ୍ଥ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏପଟେ ଯୁକ୍ତଦୁଇ ପିଲାମାନଙ୍କ ଆଡମିଶନ ବଢ଼ାଇବା ପାଇଁ ଆଲୋଚନା ହୋଇଛି । ଯୁକ୍ତଦୁଇ ପିଲାମାନଙ୍କର ଉପସ୍ଥିତି ସଂଖ୍ୟା କମୁଛି। ଆଗାମୀ ଦିନରେ ଏଥିରେ ସୁଧାର ଆଣିବା ପାଇଁ ଚେଷ୍ଟା କରାଯାଉଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏପଟେ କିନ୍ତୁ ୨୦୨୪- ୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତଦୁଇ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟରେ ୨ ହଜାର ୩୪୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୫ ଲକ୍ଷ ୪୮ ହଜାର ୨୪୯ଟି ସିଟ୍ ରହିଛି। ସେଥିମଧ୍ୟରୁ କଳାରେ ୩ ଲକ୍ଷ ୧୦ ହଜାର ୧୩୬ଟି ସିଟ୍ ରହିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୭୩ ହଜାର ୫୪୯, ବାଣିଜ୍ୟରେ ୪୧ ହଜାର ୦୮୦, ସଂସ୍କୃତରେ ୧୩ ହଜାର ୮୮, ଧନ୍ଦାମୂଳକ ଶିକ୍ଷାରେ ୧୦ ହଜାର ୩୯୬ଟି ସିଟ୍ ରହିଛି। ତେବେ ଚଳିତବର୍ଷ ଯୁକ୍ତଦୁଇ ପ୍ରଥମ ବର୍ଷରେ ନାମଲେଖା ପାଇଁ ୪ ଲକ୍ଷ ୭୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷରେ ୨ ହଜାର ୨୧୬ଟି ଯୁକ୍ତଦୁଇ କଲେଜ ରହିଥିବାବେଳେ ସିଟ ସଂଖ୍ୟା ରହିଥିଲା ୫ ଲକ୍ଷ ୨୪ ହଜାର ୪୧୪। ସେଥିମଧ୍ୟରୁ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଏବଂ ସଂସ୍କୃତ ବିଭାଗରେ ମୋଟ ୪ ଲକ୍ଷ ୧୩ ହଜାର ୬୮୦ଟି ସିଟ ପୂରଣ ହୋଇଥିଲା। ବାକି ୧ ଲକ୍ଷ ୧୦ ହଜାର ୭୩୪ ସିଟ୍ ବଳକା ରହିଥିଲା। ସେହିପରି ଭାବରେ ୨୦୨୨-୨୩ ଶିକ୍ଷାବର୍ଷରେ ମୋଟ ଯୁକ୍ତଦୁଇ କଲେଜ ସଂଖ୍ୟା ୨୦୬୮ ରହିଥିବା ବେଳେ ମୋଟ ସିଟ୍ ରହିଥିଲା ୫ ଲକ୍ଷ ୯ ହଜାର ୬୫୬। ସେଥିମଧ୍ୟରୁ ୩ ଲକ୍ଷ ୬୬ ହଜାର ୯୨୪ଟି ସିଟ୍ ପୂରଣ ହୋଇଥିବା ବେଳେ ୧ ଲକ୍ଷ ୪୨ ହଜାର ୭୩୨ ସିଟ ବଳକା ରହିଥିଲା।

ତେବେ ପ୍ରତିବର୍ଷ ଦଶମ ଶ୍ରେଣୀ ପରୀକ୍ଷାର ଫଳାଫଳକୁ ଦୃଷ୍ଟିରେ ରଖି ଯୁକ୍ତଦୁଇ କଲେଜ ବଢିବା ସହିତ ବିଭିନ୍ନ ବିଭାଗରେ ମଧ୍ୟ ସିଟ୍ ବୃଦ୍ଧି ଘଟୁଛି। କିନ୍ତୁ ବିଭାଗର ତଥ୍ୟ ଆଧାରରେ ଦେଖିବାକୁ ଗଲେ ଅନେକ କଲେଜରେ ସିଟ୍ ପୂରଣ ହୋଇପାରୁ ନାହିଁ । ଯାହାଫଳରେ ହଜାର ହଜାର ସିଟ ଖାଲି ପଡୁଥିବା ସାମ୍ନା ତଥ୍ୟରୁ ଜଣାପଡୁଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁନାବେଶରେ ...

ସୁନାବେଶରେ ଦେଖି ଭକ୍ତ ବି ଭାବବିହ୍ୱଳ ହୋଇପଡ଼ିଥିଲେ। ମହାପ୍ରଭୁଙ୍କ ସୁନାବେଶ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଖାପାଖି ୧୯୦ ପ୍ଲାଟୁନ ପୋଲିସ ଫୋର୍ସଙ୍କ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ କରାଯାଇଥିଲା।

## ୧୩ ଭାରତୀୟଙ୍କ ...

ନାବିକଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ଏଥିରେ ଏକାଧିକ ଦେଶର ନୌସେନା ନିୟୋଜିତ ହୋଇଛନ୍ତି। ଏହି ଜାହାଜଟି ପୂର୍ବ-ଆଫ୍ରିକୀୟ ଦେଶ କୋମରସର ଥିଲା। ଏହା ଓମାନ ବନ୍ଦରରୁ ବାହାରି ୟେମାନ ଅଭିମୁଖେ ଯାତ୍ରା କରିଥିଲା। ଆରବ ସାଗରରେ ଓମାନ ଉପକୂଳରୁ ପ୍ରାୟ ୨୫ ସାମୁଦ୍ରିକ ମାଇଲ ଦୂରରେ ଥିବା ଏହି ଜାହାଜ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। ପରେ ଜାହାଜଟି ବୁଡି ଯାଇଥିବା ପ୍ରାଥମିକ ଭାବେ ଜଣାପଡିଛି। ଏବେ ୧୬ ଜଣ ନିଖୋଜ ହେବା ସହ ପରିବେଶ ପ୍ରଦୂଷଣ ଚିନ୍ତା ମଧ୍ୟ ବଢିଛି। ଉକ୍ତ ଜାହାଜଟି ଏକ ତୈଳ ଟ୍ୟାଙ୍କର ହୋଇଥିବା କାରଣରୁ ଏଥିରେ ଭାରି ମାତ୍ରାରେ ତୈଳ ଗଚ୍ଛିତ ରହିଥିଲା। ଯାହା ଲିକ୍ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଓମାନର ସାମୁଦ୍ରିକ ସୁରକ୍ଷା ବାହିନୀ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ତୈଳ ଟ୍ୟାଙ୍କରଟି ପାଣିରେ ବୁଡିଯାଇଛି। ତେବେ ତେଲ ଲିକ ହୋଇଛି କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଜାହାଜକୁ ଠାବ କରାଯିବା ପରେ ଏଥିରୁ ତେଲ ଲିକ୍ ହେବା ସମ୍ପର୍କରେ ଜଣାପଡିବ। ସୂଚନା ଅନୁସାରେ, ଓମାନର ଦକ୍ଷିଣ-ପଶ୍ଚିମ ଉପକୂଳରେ ଥିବା ଡୁକମ ପୋର୍ଟରୁ ଏହା ଯାତ୍ରା ଆରମ୍ଭ କରିଥିଲା। ଏହି ଅଏଲ ଭେସେଲକୁ ୨୦୦୭ ରେ ନିର୍ମାଣ କରାଯାଇଥିଲା। ଏହାର ଲମ୍ବ ୧୧୭ ମିଟର ହୋଇଥିବା ନେଇ ଜଣାପଡ଼ିଛି। ଚଳିତବର୍ଷ ପ୍ରାରମ୍ଭରେ ଆରବ ସାଗରରେ ଓମାନ ଓ ୟେମାନ ଉପକୂଳରେ ଜାହାଜ ଆକ୍ରମଣ ଘଟଣା ସାମ୍ନାକୁ ଆସିଥିଲା। ୟେମେନର 'ହୁତି' ଆତଙ୍କବାଦୀ ସଂଗଠନ ଏକାଧିକ ଦେଶର ଜାହାଜ ଆକ୍ରମଣ କରିଥିଲେ। ଏକ ଇସ୍ରାଏଲୀ ଜାହାଜକୁ ହୁତି ଆତଙ୍କବାଦୀ ଗୋଷ୍ଠୀ ଅପହରଣ ମଧ୍ୟ କରିଥିଲା। ଏହାକୁ ଇରାନ ନିର୍ଦ୍ଦେଶରେ କରାଯାଇଥିବା ଜଣାପଡିଥିଲା।

## ରତ୍ନଭଣ୍ଡାର ଖୋଲାହେବା...

କଟକଣା ଜାରି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସୂଚନା ଅନୁଯାୟୀ, ସକାଳ ୮ଟାରୁ ସିଂହଦ୍ୱାରକୁ ଛାଡ଼ି ଅନ୍ୟ ୩ ଦ୍ୱାର ବନ୍ଦ କରାଯିବ। ଶ୍ରୀମନ୍ଦିର ଭିତରକୁ ପ୍ରବେଶ ସହ ଦର୍ଶନ ଉପରେ କଟକଣା ରହିବ। ସିଂହଦ୍ୱାର ଦେଇ ଅଧିକୃତ ବ୍ୟକ୍ତି ଓ ମନ୍ଦିରରେ ସେବା ଦାୟିତ୍ୱରେ ଥିବା ସେବାୟତ ଯିବେ। ପ୍ରଥମେ ଭିତର ରତ୍ନଭଣ୍ଡାରରୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯିବ। ସ୍ଥାନାନ୍ତର ପରେ ଆନୁଷଙ୍ଗିକ ପ୍ରକ୍ରିୟା ସାରି ଏଏସ୍‌ଆଇକୁ ରତ୍ନଭଣ୍ଡାର ହସ୍ତାନ୍ତର କରାଯିବ। ଏଏସ୍‌ଆଇ କେତେଦିନ ଭିତରେ ମରାମତି ସାରିବ, ଏନେଇ ଆଲୋଚନା ହୋଇ ନିର୍ଦ୍ଧାରଣ କରାଯିବ।

## ଗଡଚିରୋଲିରେ...

କରିଥିଲେ। ପୁଲିସକୁ ଦେଖି ମାଓବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ଏହାପରେ ସେମାନଙ୍କ ଗୁଳିର ଜବାବ ଦେବାକୁ ଯାଇ ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ୬ ଘଣ୍ଟା ଧରି ଗୁଳିବିନିମୟ ପରେ ଯବାନମାନେ ଉକ୍ତ ସ୍ଥାନରୁ ୧୨ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିବାବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ସାତୋଟି ସ୍ୱୟଂଚାଳିତ ରାଇଫଲ ସହିତ ତିନୋଟି ଏକେ-୪୭, ୨ଟି ଇନସାସ ବନ୍ଧୁକ ମଧ୍ୟ ଜବତ କରାଯାଇଛି। ଗଡ଼ଚିରୋଲିରେ ମାଓବାଦୀମାନଙ୍କ ବିପକ୍ଷରେ ବଡ ସଫଳତା ପରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏନକାଉଣ୍ଟର ଟିମ୍‌ରେ ଅନ୍ତର୍ଭୁକ୍ତ ଯବାନମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ଏନକାଉଣ୍ଟରରେ ୧୨ ଜଣ ମାଓବାଦୀଙ୍କୁ ନିପାତ କରିଥିବା ପୁଲିସ କର୍ମଚାରୀଙ୍କ ପାଇଁ ଫଡନାଭିସ ୫୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି।

## ମୁସଲମାନଙ୍କ ପାଇଁ ସିଏମ୍ ...

କୁହାଯାଇଛି ଯେ ବିଧାନସଭା ଉପନିର୍ବାଚନ ପାଇଁ କେବଳ ସଚ୍ଚୋଟ ଏବଂ ବିଜେତା ପ୍ରାର୍ଥୀ ଚୟନ କରାଯିବା ଉଚିତ୍। ଉପନିର୍ବାଚନ କ୍ଷେତ୍ରରେ ଜାତି ସମୀକରଣ କ'ଣ ତାହା ମଧ୍ୟ ଆଲୋଚନା କରାଯାଇଥିଲା। ବିରୋଧୀ ଦଳର ପ୍ରାର୍ଥୀ କିଏ ହୋଇପାରିବେ ଏବଂ ସେମାନଙ୍କର ସମର୍ଥନ ଆଧାର କ'ଣ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଲା। ମୁସଲମାନ ପ୍ରାର୍ଥୀମାନେ ମୁସଲିମ ସଂଖ୍ୟାଗରିଷ୍ଠ ଆସନରେ ସ୍ଥାନ ପାଇପାରିବେ କି ନାହିଁ, ତା'ହେଲେ ଏହାର ପ୍ରଭାବ କ'ଣ ହେବ ବୈଠକରେ ଏହା ମଧ୍ୟ ଆଲୋଚନା କରାଯାଇଥିଲା ଯେ ସାମ୍ପ୍ରତିକ ପରିସ୍ଥିତି କ'ଣ ? ବର୍ତ୍ତମାନ ଅଖିଳେଶ ଯାଦବଙ୍କ ସାମାଜିକ ସମୀକରଣର ପ୍ରଭାବ କ'ଣ ? ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁସଲମାନ ବହୁଳ ଆସନରେ ମୁସଲମାନଙ୍କୁ ପ୍ରାର୍ଥୀ କରିବା ଉପରେ ଚିନ୍ତା କରୁଥିବା ନେଇ ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ଅରିନ୍ଦମ ଡାକୁଆ ହେଲେ...

ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ଏହି ନିଯୁକ୍ତି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ରାଜ୍ୟ ସରକାରଙ୍କ...

ଆଗାମୀ ବିଧାନସଭା ଅଧିବେଶନରେ କାଳରେ ସରକାରଙ୍କୁ ପ୍ରଶ୍ନ ପଚାରିବେ। ଯାହା ବିଧାନସଭାରେ ବିରୋଧୀ ବିଜେଡିକୁ ଅଧିକ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିବାରେ ସହାୟକ ହେବ ବୋଲି ନବୀନ କହିଛନ୍ତି।

## ୧୯ରେ ଲଘୁଚାପ ...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ଯୋଗୁ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏଥିଯୋଗୁ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ନୟାଗଡ଼, ପୁରୀ, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆସନ୍ତା ୨୨ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ କୋରାପୁଟରେ ୪୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୪୨, ଦେବଗଡ଼ ୨୪, ନବରଙ୍ଗପୁର ୨୩, ବାରିପଦା ୧୧, ତାଳଚେର ୧୫, ଭବାନୀପାଟଣା ୧୪, ସୋନପୁର ୧୪, ନୟାଗଡ଼ ୧୯, ଫୁଲବାଣୀ ୧୯ ଏବଂ ଟିଟିଲାଗଡ଼ରେ ୧୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## କମୁଛି ପୃଥିବୀର...

ଇକ୍ୟୁଏଟର ଚାରିପାଖରେ ଦ୍ରବ୍ୟମାନ ବୃଦ୍ଧି ପାଉଛି, ଯାହା ଗ୍ରହର ଘୂର୍ଣ୍ଣନ ବେଗକୁ ପ୍ରଭାବିତ କରିଥାଏ। ସୂଚନାଯୋଗ୍ୟ ଯେ, ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀର ଘୂର୍ଣ୍ଣନ ମନ୍ଥର ହୋଇଚାଲିଛି । ପୋଲିଓସିଓନୋଗ୍ରାଫି ଏବଂ ପୋଲିଯୋକ୍ଲାଇମେଟୋଲୋଜିରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ପ୍ରାୟ ୭୦ ନିୟୁତ ବର୍ଷ ପୂର୍ବେ ଦିନ ଛୋଟ ଥିଲା, ଯେତେବେଳେ ଦିନ ୨୩.୫ ଘଣ୍ଟା ଧରି ଚାଲିଥିଲା। ତେବେ ଜଳବାୟୁ ପରିବର୍ତ୍ତନ ଦିନକୁ ଦିନ କେତେ ମାରାତ୍ମକ ହେଉଛି ତାହା ଦର୍ଶାଇଛନ୍ତି ବୈଜ୍ଞାନିକ। ତେଣୁ ପୃଥିବୀର ସୁରକ୍ଷା ପାଇଁ ବର୍ତ୍ତମାନଠୁ ସଚେତନ ହେବାର ଆବଶ୍ୟକତା ରହିଛି।

# ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା ଓ ଗ୍ରାମୀଣ ତାଲିମ କେନ୍ଦ୍ର ପରିଚାଳକମାନଙ୍କ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମଙ୍ଗଳବାର ଦିନ ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଏକ ଗ୍ରାହକ ସେବା ପଏଣ୍ଟ (ସିଏସପି) / ବ୍ୟାଙ୍କ ସମ୍ବାଦଦାତା (ବିସି)/ ଗ୍ରାମୀଣ ସ୍ୱରୋଜଗାର ତାଲିମ ସଂସ୍ଥା (ଆରଏସ୍‌ଇଟିଆଇ) ନିର୍ଦ୍ଦେଶକମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଲାକ ବିହାରୀ ପଣ୍ଡା, ଅଧ୍ୟକ୍ଷ ସଂଯୋଜକ- ଡିଏଫଏସ୍‌, ପ୍ରମୋଦ କୁମାର ବନସଲ, ମହା ପ୍ରବନ୍ଧକ (ଆର୍ଥିକ ଅନ୍ତର୍ଭୂକ୍ତିକରଣ), ଷ୍ଟେଟ ବ୍ୟାଙ୍କ କର୍ପୋରେଟ ସେଣ୍ଟର ମୁମ୍ବାଇ ଏବଂ ଷ୍ଟେଟ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଦୀନେଶ ପରୁଥି ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସିଏସପି, ବିସି, ଆରଏସ୍‌ଇଟିଆଇ ନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ । ପରୁଥି ଏହି ଅବସରରେ ଆର୍ଥିକ ଅନ୍ତର୍ଭୂକ୍ତିକୁ ପ୍ରୋତ୍ସାହନ ଦେବା ଏବଂ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ସାମିଲ କରାଇବାରେ ଗ୍ରାହକ ସେବା କେନ୍ଦ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ।

# ପ୍ରାଣୀ ବିଜ୍ଞାନୀଙ୍କୁ ୨୪୯ ବର୍ଷ ଜେଲ୍‌ଦଣ୍ଡ

**କାନବେରା**

ବ୍ରିଟେନର ପ୍ରାଣୀ ବିଜ୍ଞାନୀ ବିଶେଷଜ୍ଞ ଆଦାମ ବ୍ରିଟନ (୫୨)ଙ୍କୁ ଅଷ୍ଟ୍ରେଲିଆରେ ୨୪୯ ବର୍ଷ ଜେଲ୍‌ଦଣ୍ଡ ହୋଇଛି। କୁକୁରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଏକ ସ୍ଥାନୀୟ କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଆଦାମ ଗତ ବର୍ଷ ୬୦ ଅଭିଯୋଗକୁ ସ୍ୱୀକାର କରିଥିଲେ। ରିପୋର୍ଟ ଅନୁଯାୟୀ ବ୍ରିଟିଶ ନାଗରିକ ଆଦାମ ଅଷ୍ଟ୍ରେଲିଆର ଡାରୱିନ ସ୍ଥିତ ଘରେ କୁକୁରଙ୍କୁ ଉପୀଡ଼ନ ଦେଇ ଦୁଷ୍କର୍ମ ପରେ ହତ୍ୟା କରୁଥିଲେ। ସେ ଏ ସବୁ ରେକର୍ଡ କରି ସାମାଜିକ ଗଣମାଧ୍ୟମରେ ମଧ୍ୟ ଛାଡୁଥିଲେ। କୁକୁରଙ୍କୁ ଯନ୍ତ୍ରଣା ଦେବା ପାଇଁ ସେ ଏକ 'ଟର୍ଚ୍ଚର ରୁମ୍' ବନାଇ ଥିଲେ। ୪୨ କୁକୁର କିଣି ଏକ ସିପିଂ କଣ୍ଟେନରରେ ରଖୁଥିଲେ। ୨୦୨୦ରୁ ୨୨ ମଧ୍ୟରେ ୩୯ କୁକୁରଙ୍କୁ ଦୁଷ୍କର୍ମ କରିଥିଲେ।

# ସରକାରୀ ବଙ୍ଗଳା ଛାଡ଼ିବାକୁ ୨୦୦ରୁ ଅଧିକ ପୂର୍ବତନ ସାଂସଦଙ୍କୁ ନୋଟିସ୍

**ନୂଆଦିଲ୍ଲୀ,**

କାର୍ଯ୍ୟକାଳ ଶେଷ ହୋଇଥିବା କିମ୍ବା ପଦବୀ ଯାଇଥିବା ସତ୍ତ୍ୱେ ୨୦୦ରୁ ଅଧିକ ସାଂସଦ ସେମାନଙ୍କ ସରକାରୀ ବଙ୍ଗଳା ଖାଲି କରିନାହାନ୍ତି। ତେଣୁ ତୁରନ୍ତ ବଙ୍ଗଳା ଖାଲି କରିବାକୁ ଏହି ସାଂସଦମାନଙ୍କୁ କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ନିୟମ ଅନୁସାରେ ସପ୍ତଦଶ ଲୋକସଭା ଶେଷ ହେବାର ମାସକ ମଧ୍ୟରେ ସାଂସଦମାନେ ସେମାନଙ୍କ ବଙ୍ଗଳା ଖାଲି କରିବା କଥା । କିନ୍ତୁ ୨୦୦ରୁ ଅଧିକ ପୂର୍ବତନ ସାଂସଦ ଏବେ ବି ସରକାରୀ ବଙ୍ଗଳା ଛାଡ଼ି ନାହାନ୍ତି। ପଦ ଗଲା ପରେ ମଧ୍ୟ ସେମାନେ ଦିଲ୍ଲୀରେ ମିଳିଥିବା ସରକାରୀ ଘର ଛାଡ଼ିବାକୁ ପ୍ରସ୍ତୁତ ନାହାନ୍ତି। ସେହିପରି ଆଉ କିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ନୋଟିସ ପଠାଇବାକୁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଯଦି ସେମାନେ ଯଥାଶୀଘ୍ର ବଙ୍ଗଳା ଖାଲି ନ କରିବେ, ତେବେ ଅଧିକାରୀମାନେ ସେମାନଙ୍କ ପାଖକୁ ଯାଇ ବାଧ୍ୟତାମୂଳକ ଭାବେ ଘର ଖାଲି କରିବାକୁ ପଦକ୍ଷେପ ନେବେ । ଉଲ୍ଲେଖଯୋଗ୍ୟ ଯେ, ସାଂସଦମାନଙ୍କୁ ଲୋକସଭା ସଚିବାଳୟ ପକ୍ଷରୁ ସରକାରୀ ବଙ୍ଗଳା ଆବଣ୍ଟନ କରାଯାଇଥିଲା ବେଳେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ କେନ୍ଦ୍ରମନ୍ତ୍ରୀମାନଙ୍କୁ ବଙ୍ଗଳା ବାଣ୍ଟିଥାଏ।

# ଗାଜା ସ୍କୁଲ୍‌ରେ ଇସ୍ରାଏଲ ଆକ୍ରମଣ ୫୭ ମୃତ, ୭୩ ଆହତ

**ତେଲ ଆଭିଭ,**

ଇସ୍ରାଏଲ ସୋମବାର ବିଳମ୍ବିତ ରାତିରେ ହମାସ୍‌ର ସାମରିକ କମାଣ୍ଡର ମହମ୍ମଦ ଦିଫକୁ ନିଶାଣ କରି ଗାଜା ଷ୍ଟ୍ରିପ୍‌ର ମଧ୍ୟ କ୍ଷେତ୍ରରେ ଥିବା ଏକ ସ୍କୁଲ୍ ଉପରେ ଆକ୍ରମଣ କରିଛି। ଏଥିରେ ମହିଳା ଏବଂ ଶିଶୁ ସମେତ ୫୭ ଜଣଙ୍କ ମୃତ୍ୟୁ ହୋଇଛି। ୭୩ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏଥିରେ ହମାସର ଜଣେ ପ୍ରମୁଖ କମାଣ୍ଡର ପ୍ରାଣ ହରାଇଥିବା ମଧ୍ୟ କୁହାଯାଉଛି। ଇସ୍ରାଏଲ ଏବଂ ହମାସ୍ ନୂଆ ଅସ୍ତ୍ରବିରତି ଉପରେ ଆଲୋଚନା ଜାରି ରଖିଥିବାବେଳେ ଏହି ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ସ୍କୁଲ୍ ଜାତିସଂଘ (ୟୁଏନ) ର ଥିଲା। ଏଠାରେ ଶରଣାର୍ଥୀଙ୍କୁ ରଖା ଯାଇଥିଲା। ଏହାକୁ ମିଶାଇ ଇସ୍ରାଏଲ ଗତ ୧୫ ଦିନ ମଧ୍ୟରେ ତୃତୀୟ ଥର ପାଇଁ ଆକ୍ରମଣ କରିଛି। ଗାଜାର ଖାନ ୟୁନୁସ ସ୍ଥିତ ନାସିର ହସ୍ପିଟାଲରେ ଆହତଙ୍କୁ ଭର୍ତ୍ତି କରାଯାଇଛି। ଗତ ସପ୍ତାହରେ ଖାନ୍ ୟୁନୁସ ଅଞ୍ଚଳ ଖାଲି କରିବା ପାଇଁ ଇସ୍ରାଏଲ ସେନା ନିର୍ଦ୍ଦେଶ ଦେଇଥିଲା। ଏହା ପରେ ୩ଟି ବଡ଼ ହସ୍ପିଟାଲକୁ ବନ୍ଦ କରିଦିଆଯାଇଥିଲା। ୟୁଏନ୍ ଏହାକୁ ବିପଜ୍ଜନକ ପଦକ୍ଷେପ କହିଛି। ଲୋକଙ୍କୁ ଅଧିକ ସମୟ ଦିଆଯିବା ଉଚିତ ବୋଲି କୁହାଯାଇଛି।

# ସରକାରଙ୍କ କେଉଁ ବିଭାଗର ନଜର ରଖିବେ ବିଜେଡିର କେଉଁ ବିଧାୟକ

ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରତିଟି କାର୍ଯ୍ୟ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରମିଳା ମଲ୍ଲିକଙ୍କୁ ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର, ବଦ୍ରି ନାରାୟଣ ପାତ୍ରଙ୍କୁ ମହିଳା ଓ ଶିଶୁ ବିକାଶ, ନିରଞ୍ଜନ ପୂଜାରୀଙ୍କୁ ଗୃହ ଓ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଅଶ୍ୱିନୀ କୁମାର ପାତ୍ରଙ୍କୁ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ, ପ୍ରତାପ କେଶରୀ ଦେବଙ୍କୁ ସାଧାରଣ ପ୍ରଶାସନ, ଅରୁଣ କୁମାର ସାହୁଙ୍କୁ ଜଳ ସମ୍ପଦ, ସାରଦା ପ୍ରସାଦ ନାୟକଙ୍କୁ ଶିଳ୍ପ ଓ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅର୍ଥ ଓ ସରକାରୀ ଉଦ୍ୟୋଗ ବିଭାଗର ଦାୟିତ୍ୱ ଦିଆଯାଇଛି। ସେହିପରି ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରାଜେନ୍ଦ୍ର ଢୋଲକିଆଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା, ମନୋହର ରନ୍ଧାରୀ ଓ ଯୋଗେଶ କୁମାର ସିଂହଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ବ୍ୟୋମକେଶ ରାୟଙ୍କୁ ପୂର୍ତ୍ତ, ଦିବ୍ୟଶଙ୍କର ମିଶ୍ରଙ୍କୁ ଶକ୍ତି, ଗଣେଶ୍ୱର ବେହେରାଙ୍କୁ ଇସ୍ପାତ୍ ଓ ଖଣି, ବର୍ଷା ସିଂହ ବରିହାଙ୍କୁ ମିଶନ ଶକ୍ତି, ସନାତନ ମହାକୁଡ଼ଙ୍କୁ କୃଷି ଓ କୃଷକ ସଶକ୍ତିକରଣ, ସଞ୍ଜୀବ କୁମାର ମଲ୍ଲିକଙ୍କୁ ଏମ୍‌ଏସ୍‌ଏମ୍‌ଇ, କଳିକେଶ ନାରାୟଣ ସିଂହଦେଓଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପ୍ରଦୀପ କୁମାର ଦିଶାରୀଙ୍କୁ ଅନୁସୂଚିତ ଜାତି ବ୍ୟାପାର, ଚକ୍ରମଣି କହଁରଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଗ୍ରାମ୍ୟ ଉନ୍ନୟନ, ସୌଭିକ ବିଶ୍ୱାଳଙ୍କୁ ଏସ୍‌ଏସ୍‌ଇପିଡି, ପ୍ରଶାନ୍ତ ବେହେରାଙ୍କୁ ଅବକାରୀ, ଧ୍ରୁବଚରଣ ସାହୁଙ୍କୁ ପର୍ଯ୍ୟଟନ, ତୁଷାରକାନ୍ତି ବେହେରାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅନନ୍ତ ନାରାୟଣ ଜେନାଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ସୁଶାନ୍ତ କୁମାର ରାଉତଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର କାର୍ଯ୍ୟକ୍ରମ ଉପରେ ନଜର ରଖିବାକୁ ଦଳର ସଭାପତି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

# ଭୁବନେଶ୍ୱରରେ ୧୦୦ ପାର କଲା ଡେଙ୍ଗୁ ସଂକ୍ରମଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ୧୦୦ ପାର୍ କରିଛି। ଗତ ୨୪ ଘଣ୍ଟାରେ କ୍ୟାପିଟାଲ ହସ୍ପିଟାଲରେ ୯୩ ନମୁନା ପରୀକ୍ଷଣ ହୋଇଥିବା ବେଳେ ଆଉ ୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ୧୬ ତାରିଖ ସୁଦ୍ଧା ସହରରୁ ମୋଟ୍ ୧୧୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସେହିପରି ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନେଇ ହସ୍ପିଟାଲ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଦୈନିକ ହସ୍ପିଟାଲକୁ ୨୦୦ରୁ ୩୦୦ ଥଣ୍ଡା ଜ୍ୱର ରୋଗୀ ଆସୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ରୋଗୀଙ୍କ ମଧ୍ୟରେ ଡେଙ୍ଗୁ ଲକ୍ଷଣ ରହୁଥିବା ସେ କହିଛନ୍ତି। ଜାନୁଆରୀରୁ ଜୁଲାଇ ୧୫ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରାୟ ୩୨୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଟେଷ୍ଟିଂ ସମୟରେ ଯୋଗାଯୋଗ ନମ୍ବର ଓ ଠିକଣା ଭୁଲ୍ ଦେବା ଫଳରେ ଶତାଧିକ ରୋଗୀଙ୍କୁ ଚିହ୍ନଟ କରିବା ସମ୍ଭବପର ହେଉନାହିଁ। ତେଣୁ ଏଥିପ୍ରତି ବିଶେଷ ଭାବେ ଧ୍ୟାନ ଦେବା ଲାଗି ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆୟୋଜିତ ଏକ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଦିନ ଆରମ୍ଭ ହେବା ପରେ ସହରରେ ମଶା ଉତ୍ପତ୍ତି ସ୍ଥଳ ଖୋଜିବା ସହ ଏହାକୁ ନଷ୍ଟ କରିବା ସହ ବୁସ କଟିଂ, ମଶା ତେଲ ସିଞ୍ଚନ ଆଦି କାର୍ଯ୍ୟ ଆରମ୍ଭ ହୋଇଛି। ଜୁଲାଇ ୨୦ରୁ ସହରରେ ଫଗିଂ ଆରମ୍ଭ ହେବ ବୋଲି ଅନୁଷ୍ଠିତ ବୈଠକରେ ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଷୋୟୀ କହିଛନ୍ତି। ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ୭ଦିନରେ ଥରେ ଘର ଆଖପାଖ ସଫା ରଖିବାକୁ ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଛନ୍ତି। ବିଶେଷକରି ସଫା ପାଣି ଯେଉଁଠି ଜମିଥିବା ଜାଗାକୁ ସଫା କରିବାକୁ କହିଛନ୍ତି। ତେବେ ବାହାରୁ ଆସି ଭୁବନେଶ୍ୱରରେ ଚିହ୍ନଟ ହେଉଥିବା ମାମଲା ଉଭୟ ଜିଲ୍ଲା ପ୍ରଶାସନ ଓ ବିଏମ୍‌ସି ଲାଗି ଚିନ୍ତାର କାରଣ ପାଲଟିଥିବା ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଗୁଜରାଟରେ ବ୍ୟାପୁଛି 'ଚାନ୍ଦିପୁରା ଭୂତାଣୁ' ସଂକ୍ରମଣରେ ୬ ଶିଶୁଙ୍କ ମୃତ୍ୟୁ

**ଅହମଦାବାଦ**

ଗୁଜରାଟ ଚାନ୍ଦିପୁରା ଭୂତାଣୁ ସଂକ୍ରମଣ କାୟା ବିସ୍ତାର କରିବାରେ ଲାଗିଛି । ଏଥିରେ ଗତ ୫ ଦିନରେ ୬ ଶିଶୁଙ୍କ ମୃତ୍ୟୁ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ୧୨ ଶିଶୁ ଏହି ଭୂତାଣୁରେ ସଂକ୍ରମିତ ହେଲେଣି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଋଷିକେଶ ପଟେଲ କହିଛନ୍ତି। କେବଳ ୯ରୁ ୧୪ ବର୍ଷର ଶିଶୁ ଏଥିରେ ସଂକ୍ରମିତ ହେଉଛନ୍ତି । ରିପୋର୍ଟ ଅନୁଯାୟୀ ସଂକ୍ରମିତ ଶିଶୁଙ୍କଠାରେ ଜ୍ୱର ଏବଂ ସଂକ୍ରମଣ ଭଳି ଲକ୍ଷଣ ଦେଖାଯାଉଛି । ଏହା ପରେ ଏନ୍‌ସେଫାଲାଇଟ୍ସ ହୋଇଥାଏ। ଏହା ମୃତ୍ୟୁର କାରଣ ହୋଇପାରେ। ମଶା ଏବଂ ମାଛି ଦ୍ୱାରା ଏହି ଭୂତାଣୁ ମନୁଷ୍ୟକୁ ବ୍ୟାପିଥାଏ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସାବରକାଣ୍ଠାର ୪ ଜଣ, ଅରାବଳୀର ୩ ଜଣ, ମହିସାଗର ଏବଂ ଖେଡ଼ାର ଜଣେ ଲେଖାଏଁ ଏବଂ ରାଜସ୍ଥାନର ୨ ଜଣ, ମଧ୍ୟପ୍ରଦେଶର ଜଣେ ଶିଶୁ ଚାନ୍ଦିପୁରାରେ ସଂକ୍ରମିତ ହୋଇଛନ୍ତି। ତେବେ ଗୁଜରାଟର ଅଲଗା ଅଲଗା ହସ୍ପିଟାଲରେ ଏହି ଶିଶୁଙ୍କ ଚିକିତ୍ସା ଜାରି ରହିଛି। ଏହାକୁ ନେଇ ସାରା ରାଜ୍ୟରେ ଚେତାବନୀ ଜାରି କରାଯାଇଛି। ଏଭଳି ଲକ୍ଷଣ ଦେଖାଗଲେ ଶିଶୁଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବାକୁ କୁହାଯାଇଛି। ଘର ପରିଷ୍କାର, ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦିଆଯାଇଛି। ଏ ପର୍ଯ୍ୟନ୍ତ ଏହି ଭୂତାଣୁର କୌଣସି ଚିକିତ୍ସା ଆସିନାହିଁ ।

# ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୋମାଂସ ବୋଝେଇ ପିକଅପ ଭ୍ୟାନ ଜବତ। ରାଜ୍ୟ ବାହାରକୁ ଗୋ ମାଂସ ଚାଲାଣ ବେଳେ ପିକଅପ ଭ୍ୟାନକୁ ଗୋଡ଼ାଇ ଧରିଛନ୍ତି ସ୍ଥାନୀୟ ଲୋକେ। ପୁରୀ ଆଡୁ ପିକଅପ ଭ୍ୟାନଟି ଆସିଥିବା ବେଳେ ନୟାପଲି କ୍ରାଉନ ହୋଟେଲ ସାମ୍ନାରେ କିଛି ଯୁବକ ଓ ସ୍ଥାନୀୟ ଲୋକେ ଏହାକୁ ଧରିଛନ୍ତି । ଗାଡି ଛାଡି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି । ଘଟଣା ସ୍ଥଳରୁ ଗୋ ମାଂସ ବୋଝେଇ ଗାଡିକୁ ଜବତ କରିଛି ନୟାପଲି ଥାନା ପୋଲିସ ।

ଭୁବନେଶ୍ୱର
୧୮ ଜୁଲାଇ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀବାଣୀକ୍ଷେତ୍ରରେ ସୁନାବେଶ ସଂପନ୍ନ

**ଭୁବନେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ କିସ୍ ପରିସରସ୍ଥ ଶ୍ରୀବାଣୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ସୁନାବେଶ ସୁରୁଖୁରୁରେ ସଂପନ୍ନ ହୋଇଯାଇଛି । ଏଠାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ମଧ୍ୟ ମହାଆଡ଼ମ୍ବରରେ ସଂପନ୍ନ ହୋଇଥିଲା । ବାହୁଡ଼ାରେ ଗୁଣ୍ଡିଚା ମନ୍ଦିରରୁ ଠାକୁରମାନେ ଫେରିବା ପରେ ଶ୍ରୀବାଣୀକ୍ଷେତ୍ରରେ ପ୍ରତିବର୍ଷ ସୁନାବେଶ ଆୟୋଜିତ ହୋଇଥାଏ । ବୁଧବାର ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ବହୁ ଭକ୍ତ ସମାଗମ ହୋଇଥିଲା । ଠାକୁରମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଆଦି ଦିଆଯାଇ ସୁନାବେଶ ବା ରାଜାଧିରାଜ ବେଶ କରାଯାଇ ଥାଏ । ଭକ୍ତମାନେ ବୁଧବାର ଠାକୁରମାନଙ୍କ ସ୍ୱର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗ





ମଧ୍ୟ ଦେଖିବାର ସୁଯୋଗ ପାଇଥିଲେ । ସୁନାବେଶରେ ସାଧାରଣତଃ ଠାକୁର ମାନଙ୍କର ଶ୍ରୀପୟର, ଶ୍ରୀଭୂଜ, ଶ୍ରୀକିରିଟି, ସୂର୍ଯ୍ୟ, ଚନ୍ଦ୍ର, ମାଳି, ତିଳକ, ଚନ୍ଦ୍ରିକା, ଝୋବାକଣ୍ଠି ଓ ଆୟୁଦ୍ଧମାନ ଲାଗି କରାଯାଇଥାଏ । ପରମ୍ପରା ଅନୁସାରେ ଉପରୋକ୍ତ ସ୍ୱର୍ଣ୍ଣ ଅଳଙ୍କାରମାନ ଠାକୁରଙ୍କ ଦେହରେ ଶୋଭା ପାଇଥିଲା । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଅପରାହ୍ନରେ ମହାପ୍ରଭୁଙ୍କ ଏହି ମହାବେଶ ଅତି ସୁନ୍ଦର ଭାବେ ପରିବେଶକୁ ଆଧ୍ୟାତ୍ମିକମୟ କରି ତୋଳିଥିଲା । ଏହି ଅବସରରେ ଶ୍ରୀବାଣୀକ୍ଷେତ୍ରରେ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ଶୀଘ୍ର କାର୍ଯ୍ୟକ୍ଷମ ହେବ ଅମର୍ଦ୍ଦା ରୋଡ୍ ବିମାନଘାଟି

**ଭୁବନେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାସ୍ଥିତ ଅମର୍ଦ୍ଦା ରୋଡ୍ (ରାସଗୋବିନ୍ଦପୁର) ବିମାନବନ୍ଦରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯିବ । ବୁଧବାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ପ୍ରସଙ୍ଗ ନେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି । ଅମର୍ଦ୍ଦା ରୋଡ୍ ବିମାନବନ୍ଦରରେ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହିତ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଉଭୟ ମନ୍ତ୍ରୀ ସହମତ ହୋଇଥିଲେ । ଏଥି ସହିତ ଝାରସୁଗୁଡ଼ା ବିମାନବନ୍ଦରର ସର୍ବାଙ୍ଗୀନ ବିକାଶ ନିମନ୍ତେ ମଧ୍ୟ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ ମୟୂରଭଞ୍ଜର ଅମର୍ଦ୍ଦା ରୋଡ୍ ବିମାନବନ୍ଦର ୪୦ ଦଶକରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାର୍ଯ୍ୟ କରୁଥିଲା । ପୂର୍ବରୁ ଏହାର ୧୧ ହଜାର ଫୁଟର କଂକ୍ରିଟ୍ ରନ୍‌ୱେ ରହିଥିଲା । କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଅଧିକ ଜମି ଅଧିଗ୍ରହଣ ସାଙ୍ଗକୁ ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି । କାର୍ଯ୍ୟକ୍ଷମ ହେଲେ ଏହା ଏକ ଉଲ୍ଲେଖଯୋଗ୍ୟ ବିମାନ ବନ୍ଦର ଭାବରେ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

## ଶ୍ରୀଜୀଉଙ୍କ ସୁନାବେଶର ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୧୭/୦୭ ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉଙ୍କ ସୁନାବେଶର ଶୁଭେଚ୍ଛା ଜଣାଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଶ୍ରୀଜୀଉଙ୍କ ପବିତ୍ର ସୁନାବେଶ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ମହାପ୍ରଭୁଙ୍କ ଆଶୀର୍ବାଦ ସଭିଙ୍କ ଉପରେ ରହୁ । ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ।

## ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

**ଭୁବନେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ଯେଉଁ ଯେଉଁ ସ୍ଥାନରେ ନକଲି ଶିକ୍ଷକ ଥିବା ନେଇ ଅଭିଯୋଗ ଆସିବ ତେବେ ବିଭାଗ ଏହା ଉପରେ ତଦନ୍ତ କରିବ ଏବଂ କାର୍ଯ୍ୟାନୁଷ୍ଠାନ ହେବ । ବରଗଡ଼ରେ ନକଲି ଶିକ୍ଷକ ଧରା ପଡିବା ନେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହା କହିଛନ୍ତି ।



### ଲୋକସେବା ଭବନକୁ ଗଣମାଧ୍ୟମ ବାରଣ ଘଟଣା

# ଗଣମାଧ୍ୟମ ଉପରେ କଟକଣାର ବିଚାର ଓ ଅନୁଧ୍ୟାନ ହେବ : ଉପମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର, ୧୭/୭ ନ୍ୟୁଜ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଜିଲ୍ଲା ଗସ୍ତ କରିବା ସହ ବିଭିନ୍ନ ସମୀକ୍ଷାମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ସମୟରେ ସରକାରୀ କାର୍ଯ୍ୟକ୍ରମରେ ଗଣମାଧ୍ୟମ ଉପରେ କଟକଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, 'ଏଭଳି ନିୟମ ପୂର୍ବ ସରକାର କରିଥିଲେ । ବିଜେପି ସରକାର ଆସିବା ପରେ ପ୍ରଥମେ ଲୋକ ସେବା ଭବନକୁ ସାମ୍ବାଦିକଙ୍କୁ ଛଡା ଯାଇଥିଲା । ସେହିପରି ଆଗକୁ ପୂର୍ବ ସରକାରଙ୍କ ନିୟମ ଉପରେ ବିଚାର ଓ ଅନୁଧ୍ୟାନ ହେବ ।' ଏପରିକି ଗଣମାଧ୍ୟମ ଉପରେ ଥିବା ବାରଣ ଉପରେ ସେ ନିଜେ ଆଲୋଚନା କରିବେ ଏବଂ ଏ ସରକାର ନିହାତି ଏହା ଉପରେ ଶୀଘ୍ର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ମହାମାରୀ କୋଭିଡ-୧୯ ସମୟରୁ ରାଜ୍ୟରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ଗଣମାଧ୍ୟମକୁ ବାରଣ କରାଯାଇଥିଲା । ଏପରିକି ସବୁ କାର୍ଯ୍ୟକ୍ରମ ପରେ ପ୍ରଶାସନ ପକ୍ଷରୁ ପ୍ରେସ୍ ନୋଟ, ଫଟୋ ଓ ଭିଡିଓ ଜାରି କରାଯାଉଥିଲା । ଏଭଳିକି ବିଧାନସଭା ଓ ଲୋକସେବା ଭବନକୁ ମଧ୍ୟ ଗଣମାଧ୍ୟମକୁ ପ୍ରବେଶ ପାଇଁ ଅନୁମତି ଦିଆଯାଉନଥିଲା । ବର୍ତ୍ତମାନ ମୋହନ ସରକାର ଲୋକସେବା ଭବନରେ ଗଣମାଧ୍ୟମର ପ୍ରବେଶ ପାଇଁ ଅନୁମତି ପ୍ରଦାନ କରିଛନ୍ତି ।



# ୨୦ରେ ବିଜେଡି ବିଧାୟକ ଦଳ ବୈଠକ




**ଭୁବନେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦ରେ ବସିବ ବିଜେଡି ବିଧାୟକ ଦଳ ବୈଠକ । ୨୦ ତାରିଖ ଅପରାହ୍ନରେ ଶଙ୍ଖ ଭବନରେ ବସିବ ବୈଠକ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିବ ଏହି ବୈଠକ । ବୈଠକରେ ବିଧାନସଭା ପାଇଁ ପ୍ରସ୍ତୁତ ହେବ ରଣନୀତି । ଶୁକ୍ରବାର ସନ୍ଧ୍ୟା ୬ଟାରେ ବିଜେଡି ସାଂସଦଙ୍କ ବୈଠକ ହେବାର ଯୋଜନା ରହିଛି । ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଯେଉଁ ଭଳି ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ କାମ କରିଥିଲୁ, ତାହା ଏଥର ବି କରିବାକୁ ସେ ନିର୍ଦ୍ଦେଶ ଦେବେ ବୋଲି ବିଶ୍ୱାସ ରଖିଛନ୍ତି ଦଳୀୟ ନେତା । ତାଙ୍କ ମାର୍ଗଦର୍ଶନରେ ସାଂସଦମାନେ କାମ କରିବେ । ଗତ ସଂସଦରେ ଆମେ କାମ କରିଛୁ । ବିରୋଧୀ ଦଳ ଭାବେ ଆମକୁ ଜନାଦେଶ ମିଳିଛି । ବିଜେଡି ସଭାପତି ଆମକୁ ଜନାଦେଶ ଅନୁସାରେ ଓଡ଼ିଶାବାସୀଙ୍କ ସ୍ୱର ହୋଇ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ସୁଲତା ଦେଓ । ନିଟ୍ ପରି ପ୍ରସଙ୍ଗ ଉଠେଇଲୁ, ବିରୋଧ କରି ଗୃହ ମଧ୍ୟ ଭାଗକୁ ଯାଇଥିଲୁ । ଆବଶ୍ୟକ ସ୍ଥଳେ ଗୃହ ପରିତ୍ୟାଗ କରିଥିଲୁ । ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବୁ ବୋଲି କହିଛନ୍ତି ସାଂସଦ ଶ୍ରୀମତୀ ଦେଓ ।

# ମା'ର ଜୀବନ ନେଲା ସଇତାନ ପୁଅ

**ବାଲେଶ୍ୱର, ୧୭/୭ ନ୍ୟୁଜ ବ୍ୟୁରୋ**

ନିଶା କବଳରେ କବଳିତ ହୋଇଥାନ୍ତି, ବେଳେ ବେଳେ ଅମାନବୀୟ କାଣ୍ଡ ଭିଆଇ ବସନ୍ତି । ସେମିତି ଏକ ଘଟଣା ବାଲେଶ୍ୱରରେ ଦେଖିବାକୁ ମିଳିଛି । ନିଶା ସେବନ ପରେ ହିତାହତ ଜ୍ଞାନ ଭୁଲି ଯାଇ ନିଜ ମା'ର ତଣ୍ଟି ଚିପି ହତ୍ୟା କରିଛି ପୁଅ । ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ ତାଳପଦା ଗ୍ରାମରେ ଏଭଳି ନାରକୀୟ କାଣ୍ଡ ଘଟିଛି । ସେହି ଗ୍ରାମର ବାସନ୍ତୀ ମହାନ୍ତିଙ୍କ ଜୀବନ ଯାଇଛି । ବାସନ୍ତୀଙ୍କ ପୁଅ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ବାସନ୍ତୀଙ୍କ ବଡ଼ପୁଅ ଅରୁଣ ସବୁଦିନ ନିଶା ସେବନ କରିଥାଏ । ଏପରିକି ବିଳମ୍ବିତ ରାତି ଯାଏ ସେ ଘରକୁ ଫେରେ ନାହିଁ । ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ଅରୁଣ ବିନା କାରଣରେ ନିଶାଶକ୍ତ ହୋଇ ନିଜ ସ୍ତ୍ରୀ ପିଲାମାନଙ୍କୁ ମାରପିଟ୍ କରେ । ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ନିଶାଶକ୍ତ ଅବସ୍ଥାରେ ଅରୁଣ ଘରକୁ ଫେରି ମାଆ ବାସନ୍ତୀଙ୍କୁ ଖାଇବା ପାଇଁ ମାଗିଥିଲା । ଆଉ ପୁଅକୁ ଖାଦ୍ୟ ବାଢି ଦେଇଥିଲେ ମାଆ ।



ହେଲେ କାହିଁକି ଆମିଷ ହୋଇନାହିଁ ବୋଲି ପଚାରିବା ସହ ଅରୁଣ ରାଗି ଯାଇଥିଲା । ଏପରିକି ବିରକ୍ତି ପ୍ରକାଶ କରିବା ସହ ନିଜ ମାଆଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଇନଥିଲା । ଏହାଦେଖି ଅରୁଣଙ୍କ ସ୍ତ୍ରୀ କବିତା ଶାଶୂଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ । ତେବେ ତଣ୍ଟି ଚିପିଦେବା ଫଳରେ ମାଆ ବାସନ୍ତୀ ଅଚେତ ହୋଇ ତଳେ ପଡ଼ିଯାଇଥିଲେ । ଖବର ପାଇ ବାସନ୍ତୀଙ୍କୁ ସିମୁଳିଆ ମେଡିକାଲରେ ଭର୍ତ୍ତି କରାଇଥିଲେ ପଡୋଶୀ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ ବୋହୂ କବିତା ସିମୁଳିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମାତୃହନ୍ତା ପୁଅ ଅରୁଣକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ହତ୍ୟା ପଛରେ ନିଶା କାରବାର ନା ଆଉ କିଛି କାରଣ ରହିଛି ସେନେଇ ପୋଲିସ ଖୋଳତାଡ କରୁଛି ।

# କଲେଜ କ୍ୟାଣ୍ଟିନ କିମ୍ବା ହଷ୍ଟେଲରେ ମିଳିବନି ଜଙ୍କଫୁଡ୍



**ଭୁବନେଶ୍ୱର, ୧୭।୭ ନ୍ୟୁଜ ବ୍ୟୁରୋ**

ସରକାରୀ ହେଉ ଅଥବା ବେସରକାରୀ ବିଶ୍ୱବିଦ୍ୟାଳୟ କିମ୍ବା ଏହା ଅଧୀନସ୍ଥ ମହାବିଦ୍ୟାଳୟ, ଏବେ କେଉଁଠି ବି ବିକ୍ରି ହୋଇପାରିବନି ଜଙ୍କ୍‌ଫୁଡ୍ ବା ଫାଷ୍ଟଫୁଡ୍ । ଉଚ୍ଚଶିକ୍ଷାନୁଷ୍ଠାନର କ୍ୟାମ୍ପସ, ହଷ୍ଟେଲ, କ୍ୟାଣ୍ଟିନରେ ଜଙ୍କଫୁଡ କିମ୍ବା କୌଣସି ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଉପରେ ଲଗାଯାଇଛି ରୋକ୍ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ବାରମ୍ବାର ତାଗିଦ ସତ୍ତ୍ୱେ ଉଚ୍ଚ ଶିକ୍ଷାନୁଷ୍ଠାନ ନିୟମ ପାଳନ କରୁ ନ ଥିବାରୁ ଏଭଳି ଏକ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଜଙ୍କଫୁଡ୍ ଖାଇବା ଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତରେ ଡାଇବେଟିସ, ହାଇପର୍ଟେନସନ, ଡାଇସ୍ଲିପିଡେମିଆ ପରି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ନ୍ୟାସନାଲ ଆଡଭୋକେସି ଇନ ପବ୍ଲିକ ଇଣ୍ଟ୍ରେଷ୍ଟ (ଏନଏପିଆଇ)ର ଅନୁରୋଧ କ୍ରମେ ୟୁଜିସି ଏଭଳି ନିଷ୍ପତ୍ତି ନେଇଛି । ୟୁଜିସି ପକ୍ଷରୁ କୁହାଯାଇଛି ଯେ ଆଇସିଏମଆରର ୨୦୨୦-୨୩ ରିପୋର୍ଟ ଅନୁଯାୟୀ ସାରା ଦେଶରେ ଏବେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି । ପ୍ରତି ୪ଜଣରୁ ଜଣଙ୍କଠାରେ ଡାଇବେଟିସ/ପ୍ରି-ଡାଇବେଟିସ ପରି ଲକ୍ଷଣ ଦେଖିବାକୁ ମିଳୁଛି । ତେଣୁ ଶିକ୍ଷାନୁଷ୍ଠାନ କ୍ୟାଣ୍ଟିନରୁ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଉପରେ କଟକଣା ଲଗାଯିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରିବାକୁ ପରାମର୍ଶ ଦିଆଯାଇଛି । ନିର୍ଦ୍ଦେଶାବଳୀ ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡିକରେ ଚିପ୍ସ ଜାତୀୟ ଖାଦ୍ୟକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଏଥିସହ ମଲାଇ ଗୋଲା, ସମସ୍ତ ପ୍ରକାର ମୃଦ୍ୟୁ ପାନୀୟ, ମିଠା ଜାତୀୟ ପଦାର୍ଥ (ରସଗୋଲା, ଗୋଲାପ ଜାମୁ, ଜିଲାପି, ବୁନ୍ଦି), ପିଜା, ବର୍ଗର, ଗୁପଚୁପ୍, ଦହିବରା ଆଳୁଦମ, ମଇଦାରୁ ପ୍ରସ୍ତୁତ ପିଠା ଓ ବିସ୍କୁଟ, ପେଟିସ, ଜାମ ଏବଂ ଜେଲି ପରି ଖାଦ୍ୟକୁ ବାରଣ କରାଯାଇଛି । ଏହାବ୍ୟତୀତ ମିଠା ଏବଂ ଲବଣଯୁକ୍ତ ଖାଦ୍ୟ ଯେପରି ପିଲାଙ୍କୁ ଦିଆ ନ ଯିବ, ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରେମିକା କଥା ନହେବାର କରୁଣ ପରିଣତି

# ବାପା ସହ ଦୁଇ ଭଉଣୀଙ୍କୁ ହତ୍ୟା କଲା ପ୍ରେମିକ

**ପାଟନା, ୧୭।୭**

ପ୍ରେମିକା କଥା ହେଲାନି ବୋଲି ପ୍ରେମିକ ନୃଶଂସ କାଣ୍ଡ ଘଟାଇଛି । ପ୍ରେମିକା ସହ ତାଙ୍କ ବାପା ଏବଂ ଭଉଣୀକୁ ନିର୍ଦ୍ଦୟର ସହ ହତ୍ୟା କରିଛି ପ୍ରେମିକ । ଏପରି ଏକ ଘଟଣା ବିହାର ଛପରା ଜିଲ୍ଲା ଅନ୍ତର୍ଗତ ରସୁଲପୁରର ଘାନାଡିହ ଅଞ୍ଚଳରେ ଘଟିଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତିରେ ପ୍ରେମିକ ଜଣଙ୍କ ଏପରି କାଣ୍ଡ ଘଟାଇଛି । ଘରର ଛାତରେ ପ୍ରେମିକାଙ୍କ ସହିତ ତାଙ୍କ ମାଆ, ବାପା ଏବଂ ଭଉଣୀ ଶୋଇଥିଲେ । ଏହି ସମୟରେ ପ୍ରେମିକ ଜଣକ ଛାତ ଉପରକୁ ଚଢ଼ି ପ୍ରେମିକା, ତାଙ୍କ ବାପା ଓ ଭଉଣୀକୁ ହତ୍ୟା କରିଥିଲା । ପ୍ରେମାକାଙ୍କ ମାଆ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତେବେ ଏନେଇ ବର୍ତ୍ତି ଯାଇଥିବା ମହିଳା କହିଛନ୍ତି ଯେ, ଗ୍ରାମର ରୋସନ ନାମକ ଜଣେ ଯୁବକ ତାଙ୍କ ଝିଅକୁ ଏକ ତରଫା ଭଲ ପାଉଥିଲା । ସେ ବାରମ୍ବାର ଝିଅକୁ ତା' ସହ କଥା ହେବାକୁ ବାଧ୍ୟ କରୁଥିଲା । କଥା ନହେଲେ ପରିବାରକୁ ଖତମ୍ କରିଦେବା ନେଇ ଧମକ ଦେଉଥିଲା ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଭାଇଚାରାର ନିଆରା ନିଦର୍ଶନ : ୩୦୦ ବର୍ଷ ହେଲା ମହରମରେ ତାଜିଆ ବାହାର କରୁଛନ୍ତି ହିନ୍ଦୁ ପରିବାର

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ବୁଧବାର ହେଉଛି ମୁସଲମାନ ସମ୍ପ୍ରଦାୟର ତ୍ୟାଗ ଓ ବଳିଦାନର ପର୍ବ ମହରମ । ସାରା ଦେଶରେ ଏହି ପର୍ବ ପାଳିତ ହୋଇଛି । ସମ୍ବଲପୁରରେ ମଧ୍ୟ ମହରମ ପାଳନ କରାଯାଇଛି । ତେବେ ସମ୍ବଲପୁର ସହରରେ ମହରମର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । କାରଣ ୩୦୦ ବର୍ଷରୁ ଅଧିକ ହେବ ସହରର ମୁଦୀପଡାର ହିନ୍ଦୁ ପଢିଆରୀ ପରିବାର ନିଜ ଘରୁ ତାଜିଆ ବାହାର କରି ସାମ୍ପ୍ରଦାୟିକ ସଦ୍‌ଭାବନାର ଅନନ୍ୟ ଉଦାହରଣ ଦେଇଆସୁଛନ୍ତି । ୧୬୬୪ ମସିହାରୁ ଏହି ହିନ୍ଦୁ ପରିବାର ତାଜିଆ ପରମ୍ପରାକୁ ବହନ କରିଆସୁଛନ୍ତି । ସବୁଠାରୁ ବଡ଼ କଥା, ହିନ୍ଦୁ ଲୋକ ଏହି ତାଜିଆ ନିର୍ମାଣ କରନ୍ତି ଓ ହିନ୍ଦୁ ପରିବାର ଏହାକୁ ବାହାର କରନ୍ତି । ଏକ ମୁସଲିମ ପରିବାର ୮ ପିଢି ହେଲା ଏଠାରେ ଫାତିଆ ପଢ଼ନ୍ତି । ସମ୍ବଲପୁର ମୁଦୀପଡାର ରାଜେନ୍ଦ୍ର ମୋହନ ପଢ଼ିଆରୀ । ଏହି ପରିବାର ସମ୍ବଲପୁରର ଏକ ପ୍ରତିଷ୍ଠିତ ପରିବାର । ଏମାନଙ୍କ ପୂର୍ବଜ ୧୬୬୪ ମସିହାରୁ ନିଜ ଚେଷ୍ଟାରେ ମହରମ ଦିନ ନିଜ ଘରୁ ତାଜିଆ ବାହାର କରିଆସୁଛନ୍ତି । ଏଥିପାଇଁ ସେମାନେ କେବେ ଚାନ୍ଦା ଆଦାୟ କରନ୍ତି ନାହିଁ । ନିଜେ ନିଜ ଖର୍ଚ୍ଚରେ ଏକ ହିନ୍ଦୁ ପରିବାରକୁ ତାଜିଆ ତିଆରି କରିବାକୁ କୁହନ୍ତି । ତିଆରି ହେବା ପରେ ନିଜେ ନିଜ



ଘରୁ ତାଜିଆ ବାହାର କରନ୍ତି । ତେବେ ପୂଜା ବା ଫାତିଆ ପଢ଼ନ୍ତି ଏକ ମୁସଲିମ ପରିବାର । ଏହି ମୁସଲିମ ପରିବାର ମଧ୍ୟ ୮ ପିଢି ହେଲା ଶ୍ରଦ୍ଧାର ସହ ଏହି ଦାୟିତ୍ୱ ନିର୍ବାହ କରିଆସୁଛନ୍ତି । ଏହି ତାଜିଆ ବାହାର କରିବାରେ ମୁସଲିମ ସମ୍ପ୍ରଦାୟର ଲୋକେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ସହଯୋଗ କରି ଆସୁଛନ୍ତି । ୧୬୬୪ ମସିହାର କଥା । ସେତେବେଳେ ସମ୍ବଲପୁରରେ ରାଜା ରାଜୁଡା ଶାସନ ଚାଲିଥିଲା । ସେହି ସମୟରେ ମକ୍କାରୁ ସମ୍ବଲପୁରକୁ ୨ ଜଣ ମୁସଲମାନ ସନ୍ନ୍ୟାସୀ ଆସିଥିଲେ, ସେମାନେ ଥିଲେ ସୟଦ ମସ୍ତାନ ବାବା ଓ ସୟଦ ନାଜିର ବାବା । ଏହି ୨ ଜଣ ମୁସଲମାନ ଫକୀର ସେତେବେଳେ ମୁଦୀପଡାର ଏହି ପଢିଆରୀ ପରିବାର ଘରେ ରହିଥିଲେ । ସେହି ସମୟରେ ସେମାନେ ଦୁହେଁ ସମ୍ବଲପୁର ରାଜାଙ୍କ ଅନୁମତି ନେଇ ଏହି ତାଜିଆ ଶୋଭାଯାତ୍ରାର ପରମ୍ପରା ଆରମ୍ଭ କରିଥିଲେ । ପରେ ୨ ଫକୀର ବାବାଙ୍କ ମୃତ୍ୟୁ ପୂର୍ବରୁ ସେମାନେ ଉକ୍ତ ହିନ୍ଦୁ ପଢ଼ିଆରୀ ପରିବାରକୁ ଏହି ତାଜିଆ ଶୋଭଯାତ୍ରା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ସେହିଦିନଠାରୁ ହିନ୍ଦୁ ତାଜିଆ ପରମ୍ପରା ଜାରି ରହିଛି । ଆଉ ଏହି ତାଜିଆର ବିଶେଷତ୍ୱ ହେଉଛି, ସମ୍ବଲପୁରର ଅନ୍ୟ ଯେକୌଣସି ତାଜିଆର ଗମ୍ବୁଜର ରଙ୍ଗ ପ୍ରତ୍ୟେକ ବର୍ଷ ପରିବର୍ତ୍ତନ ହେଉଥିବା ବେଳେ କିନ୍ତୁ ଏହି ହିନ୍ଦୁ ତାଜିଆର ଗମ୍ବୁଜର ରଙ୍ଗ ଲାଲ ହୋଇଥାଏ । ଏହା କେବେ ପରିବର୍ତ୍ତନ ହୁଏ ନାହିଁ । ଏହି ତାଜିଆ ବାହାରିଲେ ହିନ୍ଦୁ ପରିବାରର ଲୋକେ ମଧ୍ୟ ନଡ଼ିଆ ଆଉ ଧୂପ ଦିଅନ୍ତି ଓ ମାନସିକ ରଖନ୍ତି । ବିଶ୍ୱାସର ସହ ମାନସିକ କଲେ ଏହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ବାସ୍ତବରେ ସମ୍ବଲପୁରର ପଢ଼ିଆରୀ ପରିବାରର ଏହି ନିଆରା ପରମ୍ପରା ସାମ୍ପ୍ରଦାୟିକ ସଦଭାବନାର ଏକ ନିଆରା ଉଦାହରଣ ସୃଷ୍ଟି କରୁଛି ।

## ଖୋଳତାଡ଼ ହେବ 'ଆମ ଓଡ଼ିଶା ନବୀନ ଓଡ଼ିଶା' : ପଞ୍ଚାୟତିରାଜ ମନ୍ତ୍ରୀ




**ଭୁବନେଶ୍ୱର,୧୭।୭ ନ୍ୟୁଜ ବ୍ୟୁରୋ**

'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ମିଳିଥିବା ଅନୁଦାନର ହେବ ଖୋଳତାଡ଼ । ଏନେଇ ବୁଧବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପଞ୍ଚାୟତକୁ ମିଳିଥିବା ୫୦ ଲକ୍ଷ ଅନୁଦାନର ଖୋଳତାଡ଼ ହେବ । କିଛି ଯୋଜନା ନ ଥିଲା, ଜେଇମାନଙ୍କ ନାଁରେ କାର୍ଯ୍ୟାଦେଶ ଆସୁଥିଲା । କାର୍ଯ୍ୟାଦେଶ କିଏ କରାଉଥିଲା ତାହାର ତଥ୍ୟ ପଞ୍ଚାୟତିରାଜ ବିଭାଗ ପାଖରେ ରହିବା କଥା । କିନ୍ତୁ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଏ ବାବଦରେ ଜାଣୁନଥିଲେ । ଭଗବାନଙ୍କ ଭରସାରେ ଏହି ଯୋଜନା ଚାଲୁଥିଲା । କିଏ କରୁଛି, କେତେ କାମ ହେଉଛି ତାହାର କୌଣସି ତଥ୍ୟ ନଥିଲା । ତେଣୁ ଯେଉଁ ଅନିୟମିତତା ହୋଇଛି ତାହାର ଖୋଳତାଡ କରିଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

### ଏସ୍‌ସିବି ମେଡିକାଲରେ ହାଉସ ସର୍ଜନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ସମର୍ଥନ ଜଣାଇଲା ଜେଡିଏ, ଆରଡିଏ ଓ ଷ୍ଟୁଡେଣ୍ଟ୍ ୟୁନିୟନ୍

**କଟକ, ୧୭/୭ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲରେ ପ୍ରଭାବିତ ହେଲା ସ୍ୱାସ୍ଥ୍ୟସେବା । ବୁଧବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ ହାଉସ ସର୍ଜନ । ଆନ୍ଦୋଳନରେ ସାମିଲ ହେଲେ ୨୫୦ରୁ ଊର୍ଦ୍ଧ୍ୱ ହାଉସ ସର୍ଜନ । ଆଉଟଡୋର, ୱାର୍ଡ, ଆଇସିୟୁ ଓ ଓଟିରେ କାର୍ଯ୍ୟ କରିବେ ନାହିଁ ବୋଲି ରୋକଠୋକ କହିଛନ୍ତି ହାଉସ ସର୍ଜନ । ସେମାନଙ୍କ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ । ସେପଟେ ହାଉସ ସର୍ଜନଙ୍କ କାର୍ଯ୍ୟବନ୍ଦ ପ୍ରଭାବରେ ରୋଗୀଙ୍କ ଉପରେ ବିଶେଷ ଭାବରେ ପ୍ରଭାବ ପଡ଼ିବ । ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାଉସ ସର୍ଜନ ଓ ନର୍ସିଂ କର୍ମଚାରୀଙ୍କ ଭିତରେ ଚାଲିଥିବା ବିବାଦ ଉଗ୍ର ରୂପ ଧାରଣ କରିବାକୁ ଲାଗିଲାଣି । ଗତ ରବିବାର ଦିନ ସନ୍ଧ୍ୟା ସମୟରେ ମେଡ଼ିସିନ ୱାର୍ଡରେ ଜଣେ ରୋଗୀଙ୍କୁ ରକ୍ତ ଦେବାକୁ ନେଇ ଜଣେ ନର୍ସ ଓ ହାଉସ ସର୍ଜନଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ହୋଇଥିଲା । ଏମିତିକି ଏହା ଧୀରେ ଧୀରେ ବଢ଼ିବାରେ ଲାଗିଥିଲା । ଉଭୟ ନର୍ସିଂ କର୍ମଚାରୀ ଓ ହାଉସ ସର୍ଜନମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦରେ ପରିଣତ ହୋଇଥିଲା । ରବିବାରଠାରୁ ଉଭୟ ଉଭୟଙ୍କ ବିରୁଦ୍ଧରେ ଆରୋପ ପ୍ରତ୍ୟାରୋପ କରି ଏସସିବି ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ । ହେଲେ ଏନେଇ କୌଣସି ସମାଧାନ ନ ହେବାରୁ




ବୁଧବାର ଶତାଧିକ ନର୍ସିଂ କର୍ମଚାରୀ ଏସସିବି ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ଦୀର୍ଘ ସମୟ ଧରି ହୋହାଲ୍ଲା କରିଥିଲେ । ଏହି ବିବାଦର ସମାଧାନ ପାଇଁ କମିଟି ମିଟିଂ ଚାଲିଥିବା ବେଳେ ଅଭିଯୋଗକାରିଣୀ ନର୍ସଙ୍କ ମୋବାଇଲକୁ ବରିଷ୍ଠ ଅଧିକାରୀମାନେ ଛଡାଇ ନେଇଥିବା ଅଭଯୋଗ କରି ଶତାଧିକ ନର୍ସ ଅଧିକ୍ଷକଙ୍କ କକ୍ଷ ଭିତରକୁ ଧସେଇ ପଶିଥିଲେ । ତେବେ ସେଦିନ ରକ୍ତ ଦେବାକୁ ନେଇ ହୋଇଥିବା ପାଟିତୁଣ୍ଡ ପରେ ଦଶରୁ ଊର୍ଦ୍ଧ୍ୱ ହାଉସ ସର୍ଜନ ଆସି ଉକ୍ତ ନର୍ସଙ୍କୁ କବାଟ ବନ୍ଦ କରି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଏହି ଘଟଣାରେ ହାଉସ ସର୍ଜନମାନେ ମଧ୍ୟ ବୁଧବାର ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ଉପରେ ମିଛ ଅଭିଯୋଗ କରାଯାଇଥିବା କହିଛନ୍ତି ହାଉସ ସର୍ଜନ । ଯାହାକୁ ନେଇ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ । ଯେଉଁମାନେ ସେମାନଙ୍କ ଉପରେ ମିଛ ଅଭିଯୋଗ ଆଣିଛନ୍ତି ଯେ ପର୍ଯ୍ୟନ୍ତ ସେମାନେ କ୍ଷମା ମାଗିନାହାଁନ୍ତି ସେ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳରେ ବସିବେ ବୋଲି ହାଉସ ସର୍ଜନମାନେ କହିଛନ୍ତି । ସେପଟେ ମେଡିକାଲ କଲେଜ ପରିସର ସିଟି ସ୍କାନ ମେସିନ ଅଚଳାବସ୍ଥା ନେଇ ତେଜିବାରେ ଲାଗିଛି ବିବାଦ । ଏନେଇ ବୁଧବାର ସୁବାସ ସଂଗଠନ ପକ୍ଷରୁ ରଞ୍ଜନରଶ୍ମି ବିଭାଗ ଆଗରେ ଧାରଣା ଦିଆଯାଇଛି । ବର୍ଷ ବର୍ଷ ଧରି ଏହି ମେସିନ ଖରାପ ହେବା ସତ୍ତ୍ୱେ ଏସ୍‌ସିବି କର୍ତ୍ତୃପକ୍ଷ ଏହି ଦିଗରେ ଠୋସ ପଦକ୍ଷେପ ନେଉ ନହାନ୍ତି । ଯାହା ଫଳରେ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଥିବା ସରକାର ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହେଇଛନ୍ତି । ତେଣୁ ବର୍ତ୍ତମାନର ସ୍ୱାସ୍ଥ୍ୟ ବିଭାଗ ନିଶ୍ଚୟ ଏହି ସମସ୍ୟା ଉପରେ ରୋକ ଲଗାଇବ ବୋଲି କହିଛନ୍ତି ଆନ୍ଦୋଳନକାରୀ । ଅନ୍ୟପଟେ ରୋଗୀଙ୍କ ପରିବାର ଲୋକେ ମଧ୍ୟ ସଙ୍ଗିନ ଅଭିଯୋଗ ଆଣିଛନ୍ତି । ଅଲଟ୍ରାସାଉଣ୍ଡ ପାଇଁ ଟିକେଟ କରିବା ପରେ ମଧ୍ୟ ମେସିନ ଖରାପ ଥିବା ନେଇ ଉପସ୍ଥିତ କର୍ମଚାରୀ କହିବା ପରେ ବିନା ପରୀକ୍ଷାରେ ଫେରୁଛନ୍ତି ରୋଗୀ । ତେବେ ଏହି ଦିଗରେ ଶୀଘ୍ର ସମାଧାନର ବାଟ ନ ଫିଟିଲେ ଏକ ବଡ଼ ଜନ ଆକ୍ରୋଶର ସାମ୍ନା କରିବ ବୋଲି ଚେତାବନୀ ଦେଇଛି ସୁବାସ ସଙ୍ଗଠନ । କିଛି ଦିନ ପୂର୍ବରୁ ଏସସିବି ମେଡିକାଲରେ ସିଟି ସ୍କାନ ମେସିନ୍ ଅଚଳ ହୋଇଥିଲା । ମେଡିକାଲରେ ଦୁଇଟି ଯାକ ସିଟି ସ୍କାନ ମେସିନ୍ ଅଚଳ ହୋଇପଡିବା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ରୋଗୀ । ହାଉସ ସର୍ଜନମାନଙ୍କ କାର୍ଯ୍ୟ ବନ୍ଦ ଡାକରାର ପ୍ରଥମ ଦିନ ଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ରେସିଡେନ୍ସ ଡାକ୍ତର ଆସୋସିଏସନ୍, ଜୁନିଅର୍ ଡାକ୍ତର ଆସୋସିଏସନ୍ ଓ ଷ୍ଟୁଡେଣ୍ଟ ୟୁନିୟନ । ସେମାନେ ମଧ୍ୟ ଏହି ଘଟଣାରେ ନର୍ସଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିଭଳି ନର୍ସିଂ କର୍ମଚାରୀମାନେ ମଧ୍ୟ ଅକ୍ଷକଙ୍କ କାର୍ଯ୍ୟାଳୟରେ ଆସି ପହଞ୍ଚିଛନ୍ତି । ଗୁରୁବାର ଠାରୁ ତିନି ଦିନ ପର୍ଯ୍ୟନ୍ତ କଳା ବ୍ୟାଚ୍ ପିନ୍ଧି ସମସ୍ତ ନର୍ସିଂ କର୍ମଚାରୀ ମାନେ କାର୍ଯ୍ୟ କରିବେ । ଏହାପରେ ୨୪ ତାରିଖ ପର୍ଯ୍ୟନ୍ତ ଟୋକନ୍ ଷ୍ଟ୍ରାଇକ୍ ଓ ୨୪ ପରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ରଖିବେ ନର୍ସିଂ କର୍ମଚାରୀ । ଏଥିରେ ରାଜ୍ୟ ନର୍ସିଂ କର୍ମଚାରୀ ସଂଘ ମଧ୍ୟ ସହମତି ଦେଇଥିବା ଏସ୍‌ସିବି ନର୍ସିଂ କର୍ମଚାରୀ ସଂଘର ସମ୍ପାଦିକା ସୂଚନା ଦେଇଛନ୍ତି ।